# ଗୋଲାପୋଖରୀ ଗାଁରେ ବଡଧରଣର ଡକାୟତି

ଭାପୁର, (ସବ୍ୟୁ) : ନୟାଗଡ ଜିଲ୍ଲା ଫତେଗଡ ଥାନା ଗୋଲାପୋଖରୀ ଗ୍ରାମରେ ମଙ୍ଗଳବାର ରାତିରେ ଡ଼କାୟତ ହୋଇଛି। ଡ଼କାୟତମାନେ ଗ୍ରାମର ଭାଲୁ ପ୍ରଧାନ,କୁନା ପ୍ରଧାନ ଏବଂ ମଧୁସୂଦନ ରଥଙ୍କ ଘରେ ପଶିଥିଲେ । କିନ୍ତୁ ଭାଲୁ ଓ କୁନା ଙ୍କ ଘରୁ କିଛି ନେଇପାରି ନ ଥିବାବେଳେ ବିଜେଡି ବ୍ଲକ ଉପଦେଷ୍ଟା ମଧୁସୂଦନ ରଥଙ୍କ ଘରୁ ବଡ ଧରଣର ଡକାୟତି କରିଥିଲେ ।ଡକାୟତମାନେ ବିଳମ୍ବିତ ରାତ୍ରି ୨ରୁ ୩ ମଧରେ ଶ୍ରୀ ରଥଙ୍କ ବାରିପଟେ ଥିବା କାଠ କବାଟ ଓ ଗ୍ରିଲ୍ କବାଟକୁ ସାବଳ ରେ ଭାଙ୍ଗି ଘରେ ପଶି ଲୁଟପାଟ୍ କରିଥିଲେ । ମଧୁସୂଦନ ରଥ ଏବଂ ତାଙ୍କ ସ୍ତ୍ରୀ ଦାଣ୍ଡ ପଟ ଘରେ ଶୋଇଥିବା ବେଳେ ବୋହୂ ଦୁଇ ମହଲା ଉପର ଘରେ ଶୋଇଥିଲେ । ଏହାର ସୁଯୋଗ ନେଇ ଡକାୟତମାନେ ବାରିପଟେ ଥିବା ତାଙ୍କର ବାଇକ୍ ଟିକୁ ବାହାରକୁ ଆଣି ଦୁଇ ମହଲା ଉପରକୁ ସେମାନେ ଯାଇଥିଲେ । ବୋହୂ ଶୋଇଥିବା ଘର କବାଟ ଫିଟା ଥିବା ଦେଖି ଘରେ ପଶିଥିଲେ ଏବଂ ଗଡରେଜ ଚାବି ଡ୍ରେସିଂ ଟେବୁଲ୍ ଉପରେ ରହିଥିଲା । ଡକାୟତମାନେ ଗଡରେଜ୍ ଖୋଲି ଲକର ଚାବି ଖୋଲିଥିଲେ ଏବଂ ଲକରରେ ଥିବା ସୁନା ହାର,ଚେନ୍,ମୁଦି –୨,କାନଝରା ୨ ହଳ,ଶଙ୍ଖା ୨ ହଳ ପ୍ରାୟ ୭୦ ରୁ ୮୦ ଗ୍ରାମ ମଧରେ ସୁନା ଏବଂ ରୂପା ଅଳଙ୍କାର ପ୍ରାୟ ୧୫୦ ଗ୍ରାମ ଚୋରି କରି ନେଇଥିଲେ । ଯାହାର ଆନୁମାନିକ ମୂଲ୍ୟ ୬/୭ ଲକ୍ଷ ହେବ ବୋଲି ଜଣାପଡିଛି । ଏତେଦବ୍ୟତୀତ, ଶ୍ରୀ ରଥ ଙ୍କ ର ବାଇକ୍ କୁ ମଧ ନେଇଯାଇଛନ୍ତି । ବାଇକ୍ ଡିକି ଭିତରେ ୩୮ ହଜାର ଟଙ୍କା ରହିଥିବା ନେଇ ଶ୍ରୀ ରଥ ସୂଚନା ଦେଇଛନ୍ତି ।ଛ ଏହି ଲୁଟ୍ ପାଟ ସମୟରେ କାହାର ନିଦ ଭାଙ୍ଗି ନ ଥିବାରୁ ସକାଳୁ ସକାଳୁ ଚୋରି ଘଟଣା ଜାଣି ଶ୍ରୀ ରଥ ଫତେଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଭାପୁର ଆଉଟ୍ ପୋଷ୍ଟ ଅଧିକାରୀ ସଞ୍ଜୟ କୁମାର ପରିଡ଼ା ଘଟଣାସ୍ଥଳ ରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି ।

# ବିଦ୍ୟୁତ୍ ବିଭାଗ ଅବହେଳାରୁ ସୁରଥଙ୍କ ମୃତ୍ୟୁ

ବୋଲଗଡ଼, (ସବ୍ୟୁ) : ବିଦ୍ୟୁତ୍ ବିଭାଗ ଅବହେଳାରୁ ମନମାନୀ ଓ ତାର ଅବହେଳା ଯୋଗୁଁ ବହୁ ଲୋକଙ୍କର ଧନ ସହିତ ଜୀବନହାନୀ ଘଟୁଥିବା ବେଳେ ବୁଧବାର ଦିନ ଖୋର୍ଦ୍ଧା ଜିଲ୍ଲା ବାଲଗଡ଼ ଅଞ୍ଚଳରେରେ ସୁରଥ ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ,କାଳବୈଶାଖୀ ପ୍ରଭାବରେ ମଙ୍ଗଳବାର ଅପରାହ୍ଣ ୨ଟା ସମୟରେ ଝଡବର୍ଷା ଯୋଗୁଁ ବୋଲଗଡ ଥାନା ଅନ୍ତର୍ଗତ ଡିହଖଉରୁଣୀ ଗ୍ରାମର ଗହୀର ମଝିରେ ଥିବା ଏକ ପାଣିନାଳ ଉପରେ ୧୧କେଭି ବିଦ୍ୟୁତ ତାର ଝୁଲି ରହିଥିଲା ।ଗ୍ରାମର କେତେକ ଚାଷୀ ଏହା ଦେଖି ବିନୋଦପଡାଠାରେ ଥିବା ରାଜସୁନାଖଳା ବିଦ୍ୟୁ ବିଭାଗକୁ ସୂଚନା ଦେଇଥିଲେ ।କିନ୍ତୁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବାରୁ ଏହା ବିପଦ ସଙ୍କୁଳ ଭାବେ ଝୁଲି ରହିଥିଲା । ବୁଧବାର ଦିନ ସକାଳେ ଡିହଖଉରୁଣୀ ଗ୍ରାମର ବନ୍ଧୁ ନାୟକଙ୍କ ପୁଅ ସୁରଥ ନାୟକ(୫୫) ଶୌଚପାଇଁ ଯାଇଥିବାବେଳେ ଏହି ତାର ସ୍ପର୍ଶରେ ଆସି ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ ।ଏସଂକ୍ରାନ୍ତରେ ଗ୍ରାମବାସୀମାନେ ଖବରପାଇ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଜଣାଇବାରୁ ବିଦ୍ୟୁ ସଂଯୋଗ କଟାଇଯାଇ ତାଙ୍କୁ ରାଜସୁନାଖଳା ଚିକିତ୍ସାଳୟକୁ ପଢାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଛନ୍ତି । ମୃତ ସୁରଥ ନାୟକଙ୍କ ପରିବାର ପକ୍ଷରୁ ବୋଲଗଡ ଥାନାରେ ବିଦ୍ୟୁତ୍ ବିଭାଗର ଅବହେଳା ବିରୋଦ୍ଧରେ ଅଭିଯୋଗ କରିବାରୁ ବୋଲଗଡ ଥାନା ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଏ ସଂକ୍ରାନ୍ତରେ ବୋଲଗଡ ଥାନା ଅପମୃତ୍ୟୁ ମାମଲା କେସ ନଂ ୭/୨୪ରେ ମକଦ୍ଦମା ରୁଜୁ କରିଛି । ସୁରଥ ନାୟକଙ୍କ ଶବକୁ ବ୍ୟବଚ୍ଛେଦ ପରେ ଗ୍ରାମରେ ସଂସ୍କାର କରାଯାଇଛି। ବୋଲଗଡ ତହସିଲ ପକ୍ଷରୁ ତୁରନ୍ତ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ମୃତକ ପରିବାର, ଗ୍ରାମବାସୀ ଓ ଟାଟା ପାୱାର ଅଧିକାରୀଙ୍କ ମଧରେ ସମାଧାନ ପାଇଁ ଆଲୋଚନା ହେଉଥିବାର ଦେଖିବାକୁ ମିଳିଛି।

# ତେଲ ଚୋରି ଅଭିଯୋଗ, ଦୁଇ କୋର୍ଟଚାଲାଣ

ପାଣିକୋଇଲି, (ସବ୍ୟୁ) : ତେଲ ଚୋରୀ ଅଭିଯୋଗରେ ପାଣିକୋଇଲି ପୁଲିସ ବୁଧବାର ଦିନ ଜଣେ ନାବାଳକ ସମେତ ଅନ୍ୟ ଜଣେ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି ଅଦାଲତ ଚାଲାଣ କରିଛି। ପ୍ରକାଶଯେ ଷଠିପୁର ଠାରୁ –ବୈତରଣୀ ରୋଡ଼ ପର୍ଯ୍ୟନ୍ତ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଚାଲୁଅଛି। ଉକ୍ତ ପ୍ରକଳ୍ପରେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ସ୍ୱର୍ଗତ ପ୍ରଫୁଲ୍ଲ ସାମଲଙ୍କ ପୁଅ ପ୍ରଣବ ଉକ୍ତ ଠିକା କାର୍ଯ୍ୟର ଦାୟିତ୍ୱରେ ନିୟୋଜିତ ଅଛନ୍ତି। ତେବେ ଗତ ୬ ତାରିଖ ଦିନ ଉକ୍ତ ରାସ୍ତାର ଅମୃତିଆ ଠାରେ ଥିବା ହୋଟେଲ ନିକଟରେ ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ଥିବା ଏକ ରୋଲରରୁ ୨୦୦ ଲିଟର ଡ଼ିଜେଲ କେହି ଚୋରୀ କରି ନେଇଥିବାର ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତି କରି ପାଣିକୋଇଲି ପୁଲିସ ଏକ ମାମଲା (୨୪୫/୨୪ )ରଜୁ କରି ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲା। ତେବେ ଉକ୍ତ ଚୋରୀ ସହିତ ଜଡ଼ିତ ଥିବା ମୂଖ୍ୟ ଅଭିଯୁକ୍ତ ଯାଜପୁର ସଦର ଥାନା ମାଳଆନନ୍ଦପୁର ଗ୍ରାମର ଅଭିମନ୍ୟୁ ମାଝୀଙ୍କ ପୁଅ ଦୁର୍ଯ୍ୟୋଧନ(୨୧) କୁ ଥାନାକୁ ଆଣି ପଚରାଉଚୁରା କରିବାରେ ସେ ନିଜ ଦୋଷ ସ୍ୱୀକାର କରିବା ସହିତ ତାକୁ ଉକ୍ତ କାର୍ଯ୍ୟରେ ସହଯୋଗ କରିଥିବା ଜଣେ ନାବାଳକ(୧୭)ର ନାମ ପ୍ରକାଶ କରିଥିଲା। ପରେ ପୁଲିସ ଉକ୍ତ ନାବାଳକକୁ ଥାନାକୁ ଆଣିବା ପରେ ଯାଜପୁର ଜୁଭେନାଇଲ ଅଦାଲତକୁ ବିଚାର ନିମନ୍ତେ ପଠାଇବା ସହିତ ମୁଖ୍ୟ ଆସାମୀ ଦୁର୍ଯ୍ୟୋଧନକୁ ଯାଜପୁର ରୋଡ଼ ଜେଏମଏଫସିଙ୍କ ଅଦାଲତକୁ ପଠାଇଛି ଓ ଚୋରୀ ହୋଇଥିବା ୨୦୦ଲିଟର ଡ଼ିଜେଲରୁ ୨୦ ଲିଟର ଡ଼ିଜେଲ ଓ ଏକ ବାଇକ (ଓଡ଼ି୦୪ ଇ୧୦୬୨)କୁ ଜବତ କରିଛି।

## ବିଜେଡିର ମ୍ୟୁନିସିପାଲିଟିସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ

# ଜଗତସିଂହପୁର ମ୍ୟୁନିସିପାଲିଟି ବିଜେଡିକୁ ସର୍ବାଧିକ ଲିଡ୍ ଦେବ: ଚିରଞ୍ଜୀବ

ଜଗତସିଂହପୁର, (ସବ୍ୟୁ) : ଜଗତସିଂହପୁର ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ଶାରଦା ମଣ୍ଡପଠାରେ ଜଗତସିଂହପୁର ମ୍ୟୁନିସିପାଲିଟିସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମୀ ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ତଥା ଜଗତସିଂହପୁର ସଂସଦୀୟ କ୍ଷେତ୍ରର କୋ–ଅର୍ଡିନେଟର ଚିରଞ୍ଜୀବ ବିଶ୍ୱାଳ, ଜଗତସିଂହପୁର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲି, ସାଂସଦ ପ୍ରାର୍ଥୀନୀ ରାଜଶ୍ରୀ ମଲ୍ଲିକ ପ୍ରମୁଖ ଯୋଗ ଦେଇ ଆସନ୍ତା ନିର୍ବାଚନରେ ବିଜୁ ଜନତା ଦଳ କିପରି ପୌରାଞ୍ଚଳରେ ଅଧିକ ଭୋଟ ପାଇବ ସେଥିପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଏହି ସଭାରେ ବରିଷ୍ଠ ବିଜେଡ଼ି ନେତା ଚିରଞ୍ଜୀବ ବିଶ୍ୱାଳ କହିଲେ ବିଜୁ ଜନତା ଦଳ ଏକ ଶୃଙ୍ଖଳିତ ଦଳ । ଦଳୀୟ ଶୃଙ୍ଖଳା ଭିତରେ ଆମେ ସମସ୍ତ ଏକ ହୋଇ ଦଳ ପାଇଁ କାମ କରିବା । ମୁଖ୍ୟମନ୍ତ୍ରୀଙ୍କ ଜନ କଲ୍ୟାଣକାରୀ ଯୋଜନା ବାବଦରେ




ଲୋକମାନଙ୍କୁ ସଚେତନ କରାଇବା ସହିତ ବିଜୁ ଜନତା ଦଳ ପାଇଁ ଅଧିକ ଭୋଟ କରାଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି ଚିରଞ୍ଜୀବ । ବିରୋଧୀ ଯେଉଁ ହାୱା କରୁଛନ୍ତି ସେ ହାୱାରେ ରହିଯିବ । ଜଗତସିଂହପୁର ମ୍ୟୁନିସିପାଲିଟି ବିଜେଡିକୁ ସର୍ବାଧିକ ଲିଡ଼ ଦେବ ବୋଲି କହିଥିଲେ । ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର ମୁଦୁଲି କହିଲେ ଓଡିଶାରେ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ରହିଛି । ସବୁ ବର୍ଗର ଲୋକେ ବିଜେଡ଼ି ସହ ଅଛନ୍ତି । ମୁଁ ସମସ୍ତଙ୍କୁ ସାଙ୍ଗରେ ନେବି ଏବଂ ବିଜେଡ଼ିର ବିଜୟ ସୁନିଶ୍ଚିତ ହେବା ସହିତ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ସହ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ସଂକଳ୍ପ ନେଇଛନ୍ତି ଦଳୀୟ କର୍ମୀ ଓ ନେତୃବୃନ୍ଦ । ଏହି ପୌରାଞ୍ଚଳ କର୍ମକର୍ତ୍ତା ସମ୍ମିଳନୀରେ ବିଜେଡ଼ି ଉପସଭାପତି ଦୀପ୍ତି ଦାସ, ପୂର୍ବତନ ପୌରାଧକ୍ଷ ମଧୁସୂଦନ ସାହୁ, ଦେବୀ ପ୍ରସାଦ ଚୌଧୁରୀ, ନିକୁଞ୍ଜ କିଶୋର ବେହେରା, ଯୁବନେତା ଦିଲ୍ଲୀପ ସିଂ, ପ୍ରଶାନ୍ତ ମଲ୍ଲିକ, ଛାତ୍ର ସଭାପତି ସମିତ ଲେଙ୍କା, ସୁବାସ ସାହୁ ପ୍ରମୁଖ ଯୋଗ ଦେଇ ମ୍ୟୁନିସିପାଲିଟିରେ ବିଜୁ ଜନତା ଦଳକୁ ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ ।

# ମୁସଲିମ୍ ଧର୍ମଗୁରୁଙ୍କ ସ୍ମୃତିଚାରଣ ସଭା



ଡେରାବିଶ, (ସବ୍ୟୁ): ଡେରାବିଶ ବ୍ଲକ କୁଶିଆପାଳ ପଂଚାୟତ ହଳଦିଆ ଗ୍ରାମନିବାସୀ ତଥା ମୁସଲିମ ଧର୍ମଗୁରୁ ହଜରତ ମୌଲାନା ଅବଦୁଲ ଗନୀ ସାହବଙ୍କ ବିୟୋଗର ଚତୁର୍ଥ ମାସ ପୂର୍ତି ଅବସରରେ ଏକ ସ୍ମୃତିଚାରଣ ସଭା (ଜଲସା) ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଡୋଶୀ ରାଜ୍ୟ ଗୁଜୁରାଟରୁ କାରି ଉସାମା, ଉର୍ଦ୍ଦୁକବି ତଥା ଲେଖକ ଜନାବ ମୌଲାନା, ମୁଫତି ତାରିକ ଜମିଲ ଓ କାରି ହଜିର ସାହବ ପ୍ରମୁଖ ଯୋଗଦେଇ ଅବଦୁଲ ଗନୀ ସାହବଙ୍କ କର୍ମମୟ ଜୀବନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ମୌଲାନାଙ୍କ ବ୍ୟତିତ କେନ୍ଦ୍ରାପଡା ମେହମୁଦାବାଦ ମଦ୍ରାସା ଜାମୀଆ ଆଶ୍ରଫୁଲ ଉଲୁମର ସଭାପତି ମୌଲାନା ମହମ୍ମଦ ଫାରୁକ, ମୌଲାନା ଫସିଉଲ୍ଲାହଙ୍କ ସମେତ ବିଭିନ୍ନ ପ୍ରାନ୍ତରୁ ମୌଲାନାମାନେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେଡି ପାଟକୁରା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥି ଅରବିନ୍ଦ ମହାପାତ୍ର ଓ ରାଜ୍ୟସଭା ସାଂସଦ ମୁନ୍ନା ଖାଁ, ବିଜେଡି ରାଜ୍ୟ ସମ୍ପାଦକ ମହମ୍ମଦ ଫାରୁକ୍ , ଅଶୋକ ସାହୁ, ଜିଲ୍ଲା ମହିଳା ବିଜେଡି ସମ୍ପାଦିକା ସରଳରେଖା ସାହୁ, ଦୀନବନ୍ଧୁ ନାୟକ, ସରୋଜକାନ୍ତ ନାୟକ ଓ ଦୀଲ୍ଲିପ ଦାସଙ୍କ ସମେତ ବହୁ ମାନ୍ୟଗନ୍ୟବ୍ୟକ୍ତି ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ । ଶେଷରେ ଅବଦୁଲ୍ଲ ଗନୀ ସାହାବଙ୍କ ପୁତ୍ର ମୌଲାନା ମହମ୍ମଦ ଜାବେଦ ଅକତର କାମିସି ସେକ ତୟବ ଓ ରାଜ୍ୟ ବିଜେଡିର ସମ୍ପାଦକ ସେକ ଅବଦୁଲ୍ଲା ଧନ୍ୟବାଦ ଅର୍ପଣ କରିଥିଲେ ।

# ବେଆଇନ ପାର୍କିଂ, ବଢୁଛି ଦୁର୍ଘଟଣା

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥରେ ବେଆଇନ ପାର୍କିଂ ଯୋଗୁଁ ଦୁର୍ଘଟଣା ବଢିବାରେ ଲାଗିଛି । ରାସ୍ତା ୬ଥାକିଆ ହେବା ପରେ ଗାଡ଼ିମୋଟର ଦ୍ରୁତ ଗତିରେ ଯାତାୟତ କରୁଛନ୍ତି । ରାସ୍ତା ପାର୍ଶ୍ୱରେ ଅନେକ ଗାଡ଼ି ପାର୍କି କରୁଥିବାରୁ ଏହା ଅନେକ ସମୟରେ ଦୁର୍ଘଟଣାର କାରଣ ପାଲଟୁଛି । ଗତ ୨ମାସ ମଧ୍ୟରେ ଦୁର୍ଘଟଣା ଘଟି ୧୩ଟି ମୁଣ୍ଡ ଗଡ଼ିଥିବା ବେଳେ ବହୁ ଆହତ ହୋଇଛନ୍ତି । ବ୍ୟସ୍ତ ବହୁଳ ୧୬ ନଂ ଜାତୀୟ ରାଜପଥରେ ପ୍ରତିଦିନ ହଜାର ହଜାର ଗାଡ଼ି ମୋଟର କୋଲକତାରୁ ଚେନ୍ନାଇ ପର୍ଯ୍ୟନ୍ତ ଯାତାୟତ କରିଥାନ୍ତି । ତେବେ ରାଜପଥ ପାର୍ଶ୍ୱରେ ଥିବା ଢାବା, ହୋଟେଲ, ତେଲ ଟାଙ୍କି ଓ ଗ୍ୟାରେଜ୍ ସାମ୍ନାରେ ଟ୍ରକ, କାର ଆଦି ଗାଡ଼ିଗୁଡିକ ଘଂଟା ଧରି ଅଟକି ରହୁଛି । ସେହିପରି ବାହାର ରାଜ୍ୟର ଚାଳକମାନେ ରାତିରେ ରାଜପଥ ପାର୍ଶ୍ୱରେ ଗାଡ଼ି ଅଟକାଇ ବିଶ୍ରମ କରୁଚନ୍ତି । ରାସ୍ତାରରେ ଅନେକ ଗାଡ଼ି ଖରାପ ହୋଇ ଦିନ ଦିନ ପର୍ଯ୍ୟନ୍ତ ଛିଡ଼ା ହେଉରହୁଛି । ଏଥିପାଇଁ ଟ୍ରଫିକ୍ ସମସ୍ୟା ସୃଷ୍ଟି ହେବା ସହ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟୁଛି । ସେହିପରି ରାଜପଥ ପାର୍ଶ୍ୱରେ ଅବସ୍ଥିତ ଚା', ଜଳଖିଆ, ପାନ, ତରଭୁଜ, ଆଖୁରସ, ପଇଡ଼, ଫାଷ୍ଟଫୁଡ୍ ଆଦି ଉଠା ଦୋକାନ ସାମ୍ନାରେ ବେଆଇନ ପାର୍କିଂ କରାଯାଉଛି । ଅନେକ ସମୟରେ ଏସବୁ ସ୍ଥାନରେ ଟ୍ରାଫିକ୍ ଜାମ୍ ହୋଇ ଦୁର୍ଘଟଣା ଘଟୁଛି । ଜାରକା ନିକଟ ବ୍ରାହ୍ମଣୀ ବ୍ରିଜ୍, ଗୋର୍ଣ୍ଣେଶ୍ୱର ମନ୍ଦିର ଛକ, ଜାରକା, ଶଙ୍ଖାରିଡ଼ିହ, ରଥିଆ, ସାରୋଇ, ନେଉଳପୁର ଆଦି ଛକବଜାର ଏବେ ଆକ୍ସିଡ଼େଂଟଷ୍ଟ ଜୋନ୍ ପାଲଟିଛି । ସେହିପରି ୫୩ ନମ୍ବର ଜାତୀୟ ରାଜପଥର ନିର୍ମାଣ ବିଳମ୍ବ ଯୋଗୁଁ ଦୁର୍ଘଟଣା ବୃଦ୍ଧି ପାଉଛି । ପୁଲିସ୍, ପରିବହନ ବିଭାଗ ଓ ଜାତୀୟ ରାଜପଥ କର୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ବେଳେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲିର ଆରାଧ ଦେବୀ ମା' ବେଳେଶ୍ୱରୀଙ୍କର ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ତ୍ରିଦିନାତ୍ମକ ବିଶ୍ୱଶାନ୍ତି ଯଜ୍ଞ ଆରମ୍ଭ ହୋଇଛି । ମଙ୍ଗଳବାର ଦିନ ଅଙ୍କୁରାଧିବାସ ଏବଂ ନୂତନ ବିଗ୍ରହ ମାନଙ୍କ ଧାନ୍ୟାଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବୁଧବାର ଅପରାହ୍ନରେ ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ପୁଣ୍ୟତୋୟା ଚିତ୍ରୋତ୍ପଳା ନଦୀର ବରପଡ଼ା ହରିବୋଲିଆ କୁଦ ତ୍ରିବେଣୀ ସଂଗମ ଘାଟରୁ ଜଳ ଉତ୍ତୋଳନ କରି କଳସ ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ । କର୍ତ୍ତା ଭାବେ ବେଳେଶ୍ୱରୀ ପୂଜା କମିଟିର ସଭାପତି କ୍ଷୀରୋଦ କୁମାର ପଣ୍ଡା ଓ ପତ୍ନୀ ଲକ୍ଷ୍ମୀପ୍ରିୟା ପଣ୍ଡା ଏବଂ ଦିଲ୍ଲୀପ ବାରିକ ଓ ତାଙ୍କ ପତ୍ନୀ ବାସନ୍ତୀ ବାରିକ କର୍ତ୍ତା ଭାବେ କାର୍ଯ୍ୟ ତୁଲାଉଛନ୍ତି । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ପରିବେଷଣ କରାଯାଇଥିଲା ।

# ବିଜେଡି କର୍ମୀ ସମ୍ମିଳନୀ

ରାଜକନିକା, (ସବ୍ୟୁ) : ଆଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଜକନିକା ବ୍ଲକ କୋଇଲିପୁର ଗ୍ରାମ ପଞ୍ଚାୟତ ଖୁଲାରୀ ଖେଳ ପଡିଆ ଠାରେ ସରପଞ୍ଚ ଅରୁଣ ରାଉତଙ୍କ ନେତୃତ୍ୱ ରେ ବିଜେଡ଼ି ର ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମୀ ସମ୍ମିଳନୀ ରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ତଥା ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଯୋଗ ଦେଇ ନବୀନ ସରକାର ଙ୍କ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସମ୍ପର୍କ ରେ ବକ୍ତବ୍ୟ ରଖିବା ସହିତ ୬ଷ୍ଠ ଥର ପାଇଁ ବିଜେଡି ଦଳକୁ ବହୁ ସଂଖ୍ୟା ରେ ଭୋଟ ଦେଇ ଜିତାଇବାକୁ ନିବେଦନ କରିଥିଲେ । ବିଜେଡ଼ି ବ୍ଲକ ସଭାପତି ବିଦ୍ୟାଧର ବେହେରା ଙ୍କ ସଭାପତିତ୍ୱ ଓ ପ୍ରାକ୍ତନ ସମିତି ସଭ୍ୟ ସୁଧାକର ଦାସ ଙ୍କ ମଞ୍ଚ ପରିଚାଳନା ରେ ସ୍ଥାନୀୟ ସରପଞ୍ଚ ଅରୁଣ ରାଉତ, ଦଳର ବରିଷ୍ଠ ନେତା ବିକାଶ ଚନ୍ଦ୍ର ଦାସ, ରାଜକନିକା ପଞ୍ଚାୟତ ସମିତି ଅଧକ୍ଷା ମିନତୀ ରାଉତ, ସଂଗଠକ ତଥା ଯୁବନେତା ପବିତ୍ର ରାଉତ, ଜିଲ୍ଲା ପରିଷଦ ସଭ୍ୟା ଅମିତା ସାହୁ, ସମିତି ସଭ୍ୟା ବବିତା ନାୟକ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ କପିଳେନ୍ଦ୍ର ମଲ୍ଲିକ, ପ୍ରାକ୍ତନ ସମିତି ସଭ୍ୟ ନିରଞ୍ଜନ ବେହେରା, ପୂର୍ବତନ ସରପଞ୍ଚ ରବିନାରାୟଣ ବେହେରା, ନାଏବ ସରପଞ୍ଚ ରାଧାରାଣୀ ନାୟକ ଓ ନାରୀନେତ୍ରୀ ସଂଯୁକ୍ତା ଶତପଥୀ ପ୍ରମୁଖ ଯୋଗ ଦେଇ ଜୁନ ୧ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବଙ୍କୁ ବହୁ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ । ମହେଶ୍ୱର ନାୟକ, ରଞ୍ଜନ କୁମାର ନାୟକ, ସୁବଳ ପ୍ରସାଦ ନାୟକ, ବୈକୁଣ୍ଠ ନାୟକ, ଦେବେନ୍ଦ୍ର ବେହେରା, ଉଦୟ ବେହେରା ଓ ପ୍ରଫୁଲ୍ଲ ବେହେରା ଆଦି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ଏହି କର୍ମୀ ସମ୍ମିଳନୀ ରେ ବହୁସଂଖ୍ୟାରେ କର୍ମୀ ଓ ମହିଳା ଯୋଗ ଦେଇଥିଲେ ।

# ବିଜେଡିରେ ମିଶ୍ରଣ ପର୍ବ

ସାଲେପୁର, (ସବ୍ୟୁ) : ସାଲେପୁର ବିଜୁ ଜନତା ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ନବୀନ ପଟ୍ଟନାୟକଙ୍କ ବିକାସମୁଖୀ କାର୍ଯ୍ୟ ଧାରା ଓ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ଦୃଢ଼ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ବହୁ ବିଜେପି ଦଳ ପରିତ୍ୟାଗ କରି ବିଜେଡିରେ ମିଶିଛନ୍ତି । ସାଲେପୁର ବ୍ଲକ ଅନ୍ତର୍ଗତ ରାମକୃଷ୍ଣପୁର ପଞ୍ଚାୟତ ସରପଞ୍ଚ ବବିତା ଦାଶଙ୍କ ଏଲମାପୁର ସ୍ଥିତ ବାସଭବନରେ ସାଲେପୁର ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ତଥା ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗ ଦେଇ ନୂତନ ଭାବେ ଯୋଗ ଦେଇଥିବା କର୍ମୀ ମାନଙ୍କୁ ଦଳିଅ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । ଏହି ଅବସରରେ ବିଜେପି ସମର୍ଥିତ ପୂର୍ବତନ ସରପଞ୍ଚ ଗୌରୀ ଶଙ୍କର ଦାଶ(ଟେରା ନନା)ଙ୍କ ସମେତ ତିରିଶରୁ ଉର୍ଦ୍ଧ୍ୱ ବିଜେପି ଦଳ ଛାଡ଼ି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ଏହି ମିଶ୍ରଣ ପର୍ବରେ ସାଲେପୁର ବ୍ଲକ ବିଜେଡି କାର୍ଯ୍ୟକାରୀଣି ସଭାପତି ନାରାୟଣ ପତି, ରାମକୃଷ୍ଣପୁର ସରପଞ୍ଚ ବବିତା ଦାଶ,ସମିତି ସଭ୍ୟ ସୁଧୀର ପ୍ରଧାନ,ବ୍ଲକ ବିଜେଡି ସଭାପତି ରାଜଶ୍ରୀ ପ୍ରଧାନ, ରାମକୃଷ୍ଣପୁର ପଞ୍ଚାୟତ ସରପଞ୍ଚ ଙ୍କ ପ୍ରତିନିଧି ବିଶ୍ୱରଞ୍ଜନ ଦାଶ, ପଞ୍ଚାୟତ ସଭାପତି ସୂର୍ଯ୍ୟମଣି ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ମହୁ ପଞ୍ଚାୟତ ଅଙ୍ଗନୱାଡି କେନ୍ଦ୍ର ଦୁର୍ନୀତିର ତଦନ୍ତ ଦାବି

କେନ୍ଦ୍ରାପଡ଼ା, (ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅ'ର୍ଗତ ମହୁ ଗ୍ରାମ ପଂଚାୟତ ବଜାରଦାଣ୍ଡି ଅଙ୍ଗନୱାଡି କେନ୍ଦ୍ରରେ ହୋଇଥିବା ଦୁର୍ନତି ଓ ତଦ' ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି ହୋଇଛି । ଦାବି ମୁତାବକ ବଜାରଦାଣ୍ଡି ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟରତ ଥିବା କର୍ମୀ ନିଜର ମନମୁଖୀ କାର୍ଯ୍ୟ କରି କେନ୍ଦ୍ରରେ ବ୍ୟାପକ ଦୁର୍ନିତି କରିବା ସହିତ ଦୀର୍ଘ ବର୍ଷ ହେଲା ଉକ୍ତ କେନ୍ଦ୍ରରେ ସରକାରୀ ଯୋଜନା ଗୁଡିକୁ ବାଟ ମାରଣା କରୁଥିବା ଅଭିଯୋଗ ହୋଇଛି । ଗତ ମାର୍ଚ୍ଚ ମାସରେ ସିଡିପିଓଙ୍କ ନିକଟରେ ପହଁଚି ଏ ବିଷୟରେ ଅଭିଯୋଗ କରିବା ସହିତ ସିଡିପିଓ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ଅଭିଯୋଗକାରୀ ମୁକ୍ତା ପାତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ତଦ' କରିବା ପାଇଁ ଦାବି କରିଛନ୍ତି ।

# ଆଞ୍ଚଳିକ ବଳଦେବଜୀଉ ମହିଳା ଡିଗ୍ରୀ କଲେଜ ମୁଖପତ୍ର 'ତ୍ରିପଦା' ଉନ୍ମୋଚିତ

ବିଞ୍ଝାରପୁର, (ସବ୍ୟୁ) : ଜୀବନର ସମୃଦ୍ଧି ଓ ବିକାଶରେ ଧନୀ ନୁହେଁ ଜ୍ଞାନୀ ହିଁ ସର୍ବଦା ଶୀର୍ଷସ୍ଥାନ ମଣ୍ଡନ କରିଥାନ୍ତି । ତେଣୁ ପଠନ ସ୍ପୃହାହିଁ ଛାତ୍ର ଛାତ୍ରୀଙ୍କ ଧ୍ୟେୟ ହେବା ଉଚିତ ବୋଲି ଯାଜପୁର ଜିଲ୍ଲା ବିଂଝାରପୁର ବ୍ଲକ ଅଧୀନ ଆଂଚଳିକ ବଳଦେବଜୀଉ ମହିଳା ସ୍ନାତକ ମହାବିଦ୍ୟାଳୟ, ଅଳକୁଣ୍ଡର ବାର୍ଷିକ ମୁଖପତ୍ର 'ତ୍ରିପଦା'ଉନ୍ମୋଚନ ଉତ୍ସବରେ ମୁଖ୍ୟ ବକ୍ତା ଭାବେ ସାରସ୍ୱତ ସାଧକ ଅଧ୍ୟାପକ ଦାମୋଦର ବେହେରା ଯୋଗଦେଇ ଏହି ମତ ରଖିଥିଲେ । ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ବନବିହାରୀ ଦାସଙ୍କ ପୌରହିତ୍ୟରେ ଗତ ଗୁରୁବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୁପେ




କଲେଜ ପରିଚାଳନା କମିଟିର ସଭାପତି ଉମାକାନ୍ତ ସାମଲ, ମୁଖ୍ୟବକ୍ତା ଶ୍ରୀ ବେହେରା ଏବଂ ସମ୍ମାନୀତ ଅତିଥି ଭାବରେ ଶିକ୍ଷାବିତ୍ ତ୍ରିଲୋଚନ ପତି ପ୍ରମୁଖ ଯୋଗଦେଇ କଲେଜ ମୁଖପତ୍ର 'ତ୍ରିପଦା' ର ଉନ୍ମୋଚନ କରି 'ସହିତ' ଶବ୍ଦରୁ ସାହିତ୍ୟର ସୃଷ୍ଟି । 'ସମାଜ' ସହିତ ମନର, 'ମନ' ସହିତ ବିବେକ, 'ବିବେକ' ସହିତ ବୁଦ୍ଧିର, 'ବୁଦ୍ଧି' ସହିତ ଶୁଦ୍ଧିର, 'ଶୁଦ୍ଧି' ସହିତ ସିଦ୍ଧିର, 'ସିଦ୍ଧି' ସହିତ ଆତ୍ମାର, ସର୍ବୋପରି ଆତ୍ମା ସହିତ ପରମାତ୍ମାର ସମ୍ବନ୍ଧ ହିଁ କେବଳ ସାହିତ୍ୟ ମାମରେ ହିଁ ସଂଘଠିତ ହୋଇଥାଏ ଏବଂ ଏ ମର୍ମରେ ପତ୍ରିକାଟିଏର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ବ୍ୟକ୍ତ କରିଥିଲେ । ମୁଖପତ୍ର 'ତ୍ରିପଦା'ର ମୁଖ୍ୟ ସଂପାଦିକା ତଥା ଅଧ୍ୟାପିକା ଜ୍ୟୋସ୍ନା ମହାରଣା ଅନୁଷ୍ଠାନର ଓଡିଆ, ଇଂରାଜୀ, ହିନ୍ଦି, ଉର୍ଦ୍ଦୁ, ସଂସ୍କୃତ ବିଭାଗର ଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକ ତଥା କର୍ମଚାରୀ ମାନଙ୍କର କାଳି, କଲମର ମାନସ ମନ୍ଥନ ବେଶ ଉଚ୍ଚ କୋଟୀର ହୋଇଥିବା ବେଳେ 'ତ୍ରିପଦା' ତ୍ରିତାପହାରକ, ତ୍ରୈକାଳିକ ହେଉ ବୋଲି ସେ ବକ୍ତବ୍ୟ ରଖିଥିଲେ । ପରିଶେଷରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବନ ବିହାରୀ ଦାସ ଏହି ସମାବେଶର ସଫଳତା ପାଇଁ କଲେଜର କର୍ମଚାରୀ ମାନଙ୍କୁ ସାଧୁବାଦ ପ୍ରଦାନ କରିଥିଲେ । ଅଧ୍ୟାପିକା ଜ୍ୟୋସ୍ନା ମହାରଣା ଧନ୍ୟବାଦ ପ୍ରଦାନ କରିଥିଲେ

## ଓଡ଼ିଆ ଅସ୍ମିତାର ଜାଗ୍ରତ ପ୍ରହରୀ ଗଣକବିଙ୍କୁ ଶ୍ରଦ୍ଧାଞ୍ଜଳି

କୁଆଁପାଳ, (ସବ୍ୟୁ) : ଗଣକବି ସ୍ମୃତି ସଂସଦ ଏବଂ ଶରତ କର ଅନିମା କର ଫାଉଣ୍ଡେସନ ପକ୍ଷରୁ ଓଡିଆ ଗୀତିନାଟ୍ୟ ଜଗତର ଅପ୍ରତିଦ୍ୱନ୍ଦୀ ସ୍ରଷ୍ଟା ଗଣକବି ବୈଷ୍ଣବ ପାଣିଙ୍କ ୬୮ ତମ ସ୍ମୃତି ଉତ୍ସବ ଜନ୍ମ ମାଟି କୋଠପଦା ଠାରେ ଅନୁଷ୍ଠିତ ହୋଇ ଯାଇଛି। ଓଡିଆ ଜାତି ଓ ଓଡିଆ ଭାଷାର ଅସ୍ମିତାକୁ ନେଇ ଲେଖନୀ ଚାଳନା କରିଥିବା ବୈଷ୍ଣବ ପାଣି ବୈଶାଖ୍ୟ ଅମାବାସ୍ୟାରେ ବିଦାୟ ନେଇଥିଲେ ମଧ ଆଜିବି ତାଙ୍କୁ ଜନ୍ମ ମାଟି ଝୁରୁଛି ବୋଲି ଅତିଥି ମାନେ କହିଥିଲେ। ଅନ୍ୟାୟ,ଅତ୍ୟାଚାର,ଶୋଷଣ ଏବଂ କଷଣର ନିଚ୍ଛକ ଚିତ୍ରକୁ ସେ ରାଶିରାଶି ନାଟକ,ଉପନ୍ୟାସ,କବିତା,ସୁଆଙ୍ଗ,ଫାର୍ସ,ଗୀତିନାଟ୍ୟ ଆଦି ରଚନା ମାଧମରେ ଜନ ଜାଗରଣ ସୃଷ୍ଟି କରୁଥିଲେ। ଏହି ଅବସରରେ ଆୟୋଜିତ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭାରେ ଶିକ୍ଷାବିତ ରତ୍ନାକର ମହାନ୍ତି,ସାହିତ୍ୟିକ ଅଖିଳେଶ ମହାନ୍ତି,ଅଧାପକ ପ୍ରଫୁଲ୍ଲ କୁମାର ସ୍ୱାଇଁ,ସାମାଜିକ କର୍ମୀ ରୁଦ୍ର ନାରାୟଣ ସିଂହ,ସମାଜସେବୀ ରାମଚନ୍ଦ୍ର ମହାପାତ୍ର,ଗଣକବି ସ୍ମୃତି ସଂସଦ ସମ୍ପାଦକ ରାମଚନ୍ଦ୍ର ବେହେରା,ଶୁଭେନ୍ଦୁ ସାମଲ ପ୍ରମୁଖ ଯୋଗ ଦେଇ ଓଡିଆ ସାହିତ୍ୟର କ୍ରାନ୍ତିଦ୍ରଷ୍ଟା ପୁରୁଷ ଗଣକବି ବୈଷ୍ଣବ ପାଣିଙ୍କ ସ୍ମୃତି ଚାରଣ କରିବା ସହିତ ତାଙ୍କ ସାରସ୍ୱତ ଜୀବନର ଅନନ୍ୟ କୀର୍ତ୍ତି ଓ କୃତୀର ବମୂଲ୍ୟାୟନ କରିଥିଲେ। ଦୀପକ ରଞ୍ଜନ ଦାସ, କାର୍ତ୍ତିକ ବିହାରୀ, ଦିଲ୍ଲୀପ ମହାନ୍ତି, ସମଶେର ଖାଁ,ମନୋରଞ୍ଜନ ମହାନ୍ତି,ସୁଶାନ୍ତ ଦାସ,ପ୍ରକାଶ ବେହେରା,ସୁମନ୍ତ ପଲେଇ, ଅମୁଲ୍ୟ ପଲ୍ଲେଇ, ଅମିୟ ବାରିକ, ଅଜୟ ନାୟକ, ବିମ୍ବାଧର ସାହୁ ପ୍ରମୁଖ ଅନୁଷ୍ଠାନର କର୍ମକର୍ତ୍ତା ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୋରେଇବାସୀ ହେଉଛନ୍ତି ମୋ' ସଂସାର : ସନ୍ଧ୍ୟାରାଣୀ

ବ୍ୟାସନଗର, (ଜିପ୍ର): କୋରେଇ ହେଉଛି ମୋ' ସଂସାର । କୋରେର ପ୍ରତ୍ୟେକ ପରିବାର ହେଉଛନ୍ତି ମୋ ପରିବାର । ପ୍ରତ୍ୟେକ ପରିବାରର ହେଉଛି ମୁଁ ସଦସ୍ୟା । ମୋ ମନ କୋରେଇରେ ରହିଥିଲା, ରହିଛି, ରହିବ ମଧ । ସ୍ୱର୍ଗତ ଅଶୋକ ଦାସଙ୍କ ପତ୍ନୀ ହିସାବରେ କୋରେଇବାସୀଙ୍କ ଅତିନିକଟରୁ ଜାଣିଛି । ଆଜି ସୁଯୋଗ ମିଳିଛି ମୁଖ୍ୟମନ୍ତ୍ରୀଙ୍କ ଆର୍ଶିବାଦରୁ କୋରେଇବାସୀଙ୍କ ସେବା କରିବା ପାଇଁ । ମୋତେ ସୁଯୋଗ ଦେବାକୁ କୋରେଇ ବିଧାନସଭା ବିଜେଡ଼ି ପ୍ରାର୍ଥୀନୀ ସନ୍ଧ୍ୟାରାଣୀ ଦାସ ଧନେଶ୍ୱର ପଡ଼ିଆ ଠାରେ ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବରେ କହିଥିଲେ । ବ୍ଲକ ବିଜେଡ଼ି ସଭାପତି ଭକ୍ତଚରଣ ସ୍ୱାଇଁଙ୍କ ପୌରୋହିତରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଯାଜପୁର ଲୋକସଭା ପ୍ରାର୍ଥୀ ଶର୍ମିଷ୍ଠା ସେଠୀ ଓଡ଼ିଶାରେ ବିଜେଡ଼ି ସରକାର ଗଠନ କରିବା ଦିଗରେ ସହାୟକ ହୁଅନ୍ତୁ । ଆପଣ ଯେପରି ପ୍ରିୟ ମୁଖ୍ୟମନ୍ତ୍ରୀ ବାରମ୍ବାର ଆର୍ଶିବାଦ ଦେଇ ଆସିଛନ୍ତି, ସେହିପରି କୋରେଇବାସୀ ବିଧାୟୀକା ଏବଂ ସାଂସଦ ପ୍ରାର୍ଥୀଙ୍କୁ ଜିତାଇ ଆଣନ୍ତୁ । ବିଜେପି ଛାଡ଼ି ବିଜେଡ଼ିରେ ଯୋଗ ଦେଇଥିବା ବିଶ୍ୱଜିତ ନାୟକ, ଆଲେକଜାଣ୍ଡାର ଦାସ ବକ୍ତବ୍ୟ ରଖି କହିଥିଲେ କି ବିକାଶର ଦ୍ୱାର ଦେଶରେ କୋରେଇ ଠିଆ ହୋଇଛି । କୋରେଇକୁ ବିକାଶ କ୍ଷେତ୍ରରେ ସ୍ୱତନ୍ତ୍ର କରିବାକୁ ଆମେ ସଂକଳ୍ପବଦ୍ଧ ।ଶଙ୍ଖ ଚିହ୍ନପ୍ରତି ଲୋକଙ୍କ କେତେ ଭଲ ପାଇବା ରହିଛି । ନିଜ ସ୍ୱାର୍ଥ ପାଇଁ ନୁହେଁ କୋରେଇ ବିକାଶରେନିଜକୁ ସାମିଲ



କରିବାକୁ ବିଜେଡ଼ିରେ ଯୋଗ ଦେଇଛି । ଆଗାମି ପାଞ୍ଚବର୍ଷ କୋରେଇ ପାଇଁ ହେବ ସ୍ୱର୍ଣ୍ଣୀମବର୍ଷ । ଜିଲା ବିଜେଡ଼ି ମହିଳା ସଭାନେତ୍ରୀ ସବିତା ରାଉତ୍, ଜିଲାପରିଷଦ ଅଧକ୍ଷା ନଳିନୀପ୍ରଭା ଜେନା, ବ୍ଲକ ଅଧକ୍ଷା ଜୟନ୍ତୀ ଦଳେଇ, ଉପାଧକ୍ଷ ପ୍ରଫୁଲ ଦାସ, ବ୍ୟାସନଗର ପୌରାଧକ୍ଷା ସଙ୍ଗୀତା ପିଙ୍ଗୁଆ, ଉପାଧକ୍ଷ ସୁବାସ ବଳ, ପ୍ରାକ୍ତନ ପୌରପାଳ ରସାନନ୍ଦ ମହାନ୍ତି, ଜିଲା ପରିଷଦ ସଭ୍ୟ ଉମାକାନ୍ତ ମାଝୀ, ଅଥୟ ମହାନ୍ତି, ଉଦୟ ପରିଡ଼ା, ମହେଶ ଧଳ, ରାଜେନ୍ଦ୍ର ରାଉତ୍, ମାନସ ଆଏଚ୍, ରାକେଶ ରାଉତ୍, ଅନୀଲ ମହାନ୍ତି, କେଶବ ଖୁଣ୍ଟିଆ, ପ୍ରଶାନ୍ତ ପଣ୍ଡା, ଜିଲା ପରିଷଦ ସଭ୍ୟା ସସ୍ମିତା ତରାଇ, କାଉନସିଲର ସରିତା ଆଏଚ, ବିଜୟ ଜେନା, କୁନି ହାସଁଦା, ରଶ୍ମିତା ଖୁଣ୍ଟିଆ, ମୋନାଲିସା ସାହୁ, ମଣିନ୍ଦ୍ର ସାହୁ, ଉର୍ମିଳା ପରିଡ଼ା, ପାର୍ଥସାରଥୀ ନାୟକ, ଅଶୋକ ରାଉତ, ଦିଲୀପ ସେଠୀ.ଶିବାନନ୍ଦ ନାୟକ, ସୌଭାଗ୍ୟ ମହାନ୍ତି, ସୁଧାଂଶୁ ଶେଖର ବରାଳ, ବିଜୟ ଘଡ଼ାଇ, ପ୍ରମୋଦ ନାୟକ, ବିକ୍ରମ ମଲିକ, ଅମୀୟ ବାରିକ, ବିବେକାନନ୍ଦ ମହାନ୍ତି, ପ୍ରଦ୍ୟୁମ୍ନ ରାଉତ, ପ୍ରାକ୍ତନ ବ୍ଲକ ଅଧକ୍ଷ ଭିକାରୀ ବରାଳଙ୍କ ସମେତ ବହୁ କାର୍ଯ୍ୟକର୍ତା ଏବଂ ପଞ୍ଚାୟତ ପ୍ରତିନିଧି ଉତ୍ସବରେ ଯୋଗ ଦେଇଥିଲେ । ଏହି ଅବସରରେ ବିଜେଡ଼ି ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସ ଏବଂ କୋରେଇ ବିଧାୟକ ଅଶୋକ ବଳଙ୍କ ଉପସ୍ଥିତିରେ ଚନ୍ଦ୍ରକାନ୍ତ ଖଣ୍ଡାଇ, କରୁଣାକର ମାଝୀ, ସୁଧାକର ଘଡ଼ାଇ, କେଶବ ମଙ୍ଗରାଜ, ଦେବେନ୍ଦ୍ର ଖୁଣ୍ଟିଆ, ନିରୂପମା ଭୂୟାଁ, ମାନସ ସାହୁ, ଗୋଳେଇପୁର ସରପଞ୍ଚ ସସ୍ମିତା ମାଝି,ସମିତିସଭ୍ୟା ପୂର୍ଣ୍ଣିମା ମାଝୀ, ପାଣିକୋଇଲି ସମିତି ସୁଜାତା ଘଡ଼ାଇ.କାଜଲ କିନ୍ନର, ଲଭଲି କିନ୍ନର ସମେତ ଶତାଧିକ ବିଜେଡ଼ିରେ ଯୋଗ ଦେଇଥିଲେ ।

## କୋରେଇ ହେବ ବିକାଶର ପ୍ରୟୋଗଶାଳା : ପ୍ରଣବ



କୋରେଇ ହେବ ବିକାଶର ପ୍ରୟୋଗଶାଳା । କେହିବି ଚାହିଁଲେ ବିକାଶକୁ ଅଟକାଇ ପାରିବେନି ବୋଲି ବିଜେଡ଼ି ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି । ଉତ୍ସବରେ ଯୋଗ ଦେବା ଅବସରରେ ପ୍ରଣବ କହିଥିଲେ କି କୋରେଇକୁ ଓଡ଼ିଶାର ୧ନଂ ନିର୍ବାଚନ ମଣ୍ଡଳୀ କରିବାକୁ ମୁଁ ସଂକଳ୍ପବଦ୍ଧ । ଯେଉଁ ମାନେ କୋରେଇକୁ ନେଇ ମିଛ ପ୍ରଚାର କରୁଛନ୍ତି, ସେମାନେ କୋରେଇ ବିକାଶର ବାଧକ ସାଜୁଛନ୍ତି । ଭଗବାନ ରାମଚନ୍ଦ୍ର ୧୪ବର୍ଷ ବନବାସ ଯାଇଥିଲେ । ମାତ୍ର ଅଶୋକ ଦାସ ପରିବାର ୨୦ବର୍ଷ ଧରି ବନବାସ ଯାଇଥିଲେ । ଏବେ ମୁଖ୍ୟମନ୍ତ୍ରୀଙ୍କ ଆର୍ଶିବାଦରୁ ବନବାସରୁ ଫେରି କୋରେଇର ବିକାଶ ପାଇଁ କାର୍ଯ୍ୟ କରିବୁ । ମୋ ମାଆ ହେବେ ବିକାଶର ସାରଥୀ । ଆପଣମାନଙ୍କ ସହଯୋଗ ଏବଂ ସମର୍ଥନ ଦରକାର । କୋରେଇବାସୀ ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠଥର ପାଇଁ ବିଜୟଟିକା ପିନ୍ଧାଇବା ସହ ମୋ ମାଆଙ୍କୁ ବିପୁଳ ସମର୍ଥନ ଦେବାକୁ ବିଜେଡ଼ି ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସ ନିବେଦନ କରିଥିଲେ ।



ଘଷିପୁରା ବିଧାୟକ ପ୍ରଫେସର ବଦ୍ରିନାରାୟଣ ପାତ୍ରଙ୍କ ଦୃଢ଼ ନେତୃତ୍ୱ ଓ ଆଦର୍ଶ ପ୍ରତି ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଲେ ଘଷିପୁରା ବ୍ଲକର ବରିଷ୍ଠ କଂଗ୍ରେସ ନେତା ଅଭିମନ୍ୟୁ ନାଥଙ୍କ ସମେତ ଶତାଧିକ କର୍ମୀ । ଫଟୋ : ରବିରାଜ

# ୩ ମୋରମ ବୋଝେଇ ଡମ୍ଫର ଜବତ : ୨ ଗିରଫ

ନୀଳଗିରି, (ସବ୍ୟୁ) : ବରହମପୁର ଥାନା ଅଧୀନ ବାଉଁଶପାଳ ଛକ ନିକଟରୁ ତିନୋଟି ମୋରମ ବୋଝେଇ ଡମ୍ଫର କୁ ଜବତ କରିଛି ବରହମପୁର ପୋଲିସ। ସୂଚନା ମୁତାବକ ମଙ୍ଗଳବାର ବିଳମ୍ବିତ ରାତିରେ ବରହମପୁର ଅଞ୍ଚଳରୁ ବେଆଇନ ଭାବରେ ମୋରମ ଉତ୍ତୋଳନ କରାଯାଇ ଗୋହିରା ଅଭିମୁଖେ ଡମ୍ଫର ଗୁଡିକ ଯାଉଥିବା ସମୟରେ ବରହମପୁର ଥାନା ଏଏସ୍ ଆଇ ସସ୍ମିତା ପାଣିଗ୍ରାହୀ ଏବଂ ହାବିଲଦାର ଅଞ୍ଜନ ମିଶ୍ର ଗୁପ୍ତ ସୂଚନା ପାଇ ବାଉଁଶପାଳ ଛକ ନିକଟରେ ଗାଡି ଗୁଡ଼ିକୁ ଜବତ କରିବା ସହ ଦୁଇ ଡ୍ରାଇଭର ଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଚାଳକ ଘଟଣା ସ୍ଥଳରେ ଗାଡି ଛାଡି ଚମ୍ପଟ ମାରିଥିଲା। ତିନୋଟି ଡମ୍ଫର ନମ୍ବର ଓଡି-୦୧-ଟି-୬୬୩୨,ଓଡି-୩୪-ଏନ୍- ୯୨୩୪, ଓଡି -୦୧-କେ-୨୧୬୪କୁ ଜବତ କରାଯାଇଥିବା ବେଳେ ଦୁଇ ଚାଳକ ଦୀପ୍ତିକାନ୍ତ ମହାନ୍ତି ଓ ଧ୍ରୁବ ସିଂ ଙ୍କୁ ଗିରଫ କରାଯାଇ କେସ ନଂ ୮୧/୨୪ କ୍ରମେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ଭୋଟ ଗ୍ରହଣ ନେଇ ନୟାଗଡ଼ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ସମୀକ୍ଷା



ନୟାଗଡ଼, (ସବ୍ରୁ): ନୟାଗଡ଼ ଜିଲ୍ଲାରେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଭୋଟ ଗ୍ରହଣ ଲାଗି ପର୍ଯ୍ୟାୟକ୍ରମେ ପ୍ରସ୍ତୁତି ଜାରି ରହିଛି। କନ୍ଧମାଳ ଲୋକସଭା ଆସନ ଅନ୍ତର୍ଗତ ଦଶପଲ୍ଲା ବିଧାନସଭାନିର୍ବାଚନମଣ୍ଡଳୀ ରେ ମେ୨୦ ତାରିଖରେ ଭୋଟ ଗ୍ରହଣ ହେବ। ସେହିପରି ପୁରୀ ଓ କଟକ ଲୋକସଭା ଅନ୍ତର୍ଗତରଣପୁର ନୟାଗଡ଼, ଏବଂ ଖଣ୍ଡପଡ଼ା ବିଧାନସଭା ଆସନରେ ମେ ମାସ ୨୫ ତାରିଖରେ ଭୋଟ ଗ୍ରହଣ ପାଇଁପ୍ରଶାସନିକ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି ଜିଲ୍ଲା ନିର୍ବାର୍ଚନ ଅଧିକାରୀ ସ୍ୱାଧାଦେବ ସିଂ।ଭୋଟ ଗ୍ରହଣ ସମୟରେ ପ୍ରତି ବୁଥରେ ପ୍ରଚୁର ପରିମାଣର ପାନୀୟ ଜଳ ସହିତ ଓଆଏସ୍ ପାଉଡ଼ର ମହଜୁଦରଖାଯିବ। ବିଏଲଓ ମାନେ ଏହାକୁ ନିଶ୍ଚିତ କରିବେ। ଭୋଟରଙ୍କ ସୁବିଧା ଲାଗି ବୁଥମାନଙ୍କରେ ଟେଣ୍ଟ ଚୌକି, ଏବଂ ଅନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ ଉପରେ ବୈଠକର ଆଲୋଚନା କରାଯାଇଛି। ସ୍ଥାନୀୟଅଚଂଳର ଆଶକର୍ମୀ ଓ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀମାନେ ଭୋଟ ଗ୍ରହଣ କେନ୍ଦ୍ରରେ ଉପସ୍ଥିତ ରହିଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବେ। ଜିଲ୍ଲାର ପ୍ରଥମ ପର୍ଯ୍ୟାୟରେ ଦଶପଲ୍ଲା ବିଧାନସଭା ଆସନଅଧିନ ୨୩୪ ଟି ଭୋଟ ଗ୍ରହଣ କେନ୍ଦ୍ର ରେ ମେ ୨୦ ତାରିଖରେ ଭୋଟ ଗ୍ରହଣ ହେବ। ସେଠାରେ ମେ ୧୯ ସୁଦ୍ଧାପୁଲିଙ୍ଗ ଟିମ ପଂହଚିବେ। ମେ ମାସ ୨୫ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ରଣପୁର, ନୟାଗଡ଼ ଏବଂଖଣ୍ଡପଡ଼ା ବିଧାନସଭା ଆସନ ଅଚଂଳର ଯଥାକ୍ରମେ ୨୪୦, ୨୪୬ ଏବଂ ୨୧୭ ମୋଟ ୭୦୩ ଗୋଟି ବୁଥରେଭୋଟ ଗ୍ରହଣ ହେବ। ସେଥିଲାଗି ପୋଲିଙ୍ଗ ପାର୍ଟି ମେ ୨୪ ତାରିଖ ସୁଦ୍ଧା ପହଚଂବେ। ଏନେଇ ସମସ୍ତ ପ୍ରସ୍ତୁତିଶେଷ ହୋଇଛି। ନିର୍ବାଚନ ପରିଚାଳନାରେ ତୃଟି ନରହିବା ପାଇଁ ସମସ୍ତ ନିର୍ବାଚନମଣ୍ଡଳୀସ୍ତରୀୟ ରିଟର୍ଣ୍ଣିଅଫିସର ଓ ସହକାରୀ ରିଟର୍ଣ୍ଣି ଅଫିସରଙ୍କ ସହିତ ଅନ୍ୟ ନିୟୋଜିତ କର୍ମଚାରୀ ଓ ଅଧିକାରୀ ଯତ୍ନବାନରହିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ଉପ-ଜିଲ୍ଲାପାଳ, ବିଡ଼ିଓ, ଓ ତହସିଲଦାରମାନେ ଉପସ୍ଥିତରହିଥିଲେ।

# କଂଗ୍ରେସର ଜନ ସମ୍ପର୍କ ସମାବେଶ

ବନ୍ତ,(ସବ୍ୟୁ):ବନ୍ତ ବ୍ଲକ ନିଳୋକସ୍ଥିତ ମା'ବଉଳାଶୁଣୀ ପଡିଆ ଠାରେ କଂଗ୍ରେସ ପକ୍ଷରୁ ପଞ୍ଚାୟତ ସ୍ତରୀୟ ଜନସମ୍ପର୍କ ସମାବେଶ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସଭାପତି ସନାତନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଭଣ୍ଡାରିପୋଖରୀ ବିଧାନସଭା ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକ ଯୋଗ ଦେଇ ରାଜ୍ୟ ସରକାର ବିକାଶ ନାଁରେ ମିଥ୍ୟା ପ୍ରତିଶ୍ରୁତି ଦେଇ ଶାସନ କ୍ଷମତା ଅକ୍ତିଆର କରିବାକୁ ଚେଷ୍ଟା ଜାରି ରଖିଥିବା ଅଭିଯୋଗ କରିଥିଲେ। କଂଗ୍ରେସ ସରକାର ସମୟରେ ଭଣ୍ଡାରିପୋଖରୀ ବିଭିନ୍ନ କ୍ଷେତ୍ରରେ ଉନ୍ନତିକୁ ପ୍ରାଧାନ୍ୟ ଦେଇଥିବା ବେଳେ ଲଗାତର ୫ ଥର ଅପାରଗ ସରକାର ଶାସନ କ୍ଷମତା ଅକ୍ତିଆର କରିଥିଲେ ମଧ୍ୟ ସରକାରୀ ଅବହେଳାରୁ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀରେ ଜଳସେଚନ, କୃଷି, ଶିଳ୍ପରେ ଉନ୍ନତି, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି କ୍ଷେତ୍ରରେ ପଛରେ ପଡିଥିବା ବେଳେ ଅଭାବୀ ବିକ୍ରୀର ସମ୍ମୁଖୀନ ହୋଇ କୃଷକ ମାନେ ଦୁର୍ଦ୍ଦିନରେ ଦିନ କାଟୁଥିବାରୁ କ୍ଷୋଭ ପ୍ରକାଶ କରିଥିଲେ । ଚଳିତ ସାଧାରଣ ନିର୍ବାଚନରେ ସେ ବିଜୟୀ ହେଲେ ଭଣ୍ଡାରିପୋଖରୀ ତଥା ଭଦ୍ରକ ଜିଲ୍ଲାର ବିକାଶ ପାଇଁ ଦୃଷ୍ଟି ଦେବେ ବୋଲି ଘୋଷଣା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶ୍ରୀ ପଟ୍ଟନାୟକଙ୍କୁ କୁମ୍ଭାରିଆ ଛକ ଠାରୁ ଶତାଧିକ କର୍ମୀ ସ୍ୱାଗତ କରିବା ସହ ଏକ ବିରାଟ ବାଇକ ଶୋଭାଯାତ୍ରାରେ ନିଳୋକ ଗ୍ରାମ ପରିକ୍ରମା କରିବା ପରେ ଆୟୋଜିତ ଜନ ସମ୍ପର୍କ ସମାବେଶ ସ୍ଥଳକୁ ପାଛୋଟି ଆଣିଥିଲେ। ସମାବେଶରେ ବିଧାୟକ ପ୍ରାର୍ଥୀ ଶ୍ରୀ ପଟ୍ଟନାୟକ, ରାଜ୍ୟ ସାଧାରଣ ସମ୍ପାଦକ ପଦ୍ମାକର ଗୁରୁ, ପ୍ରାକ୍ତନ ବିଧାୟକ ପଞ୍ଚାନନ ମଣ୍ଡଳ, ପ୍ରାକ୍ତନ ଜିଲ୍ଲା ସଭାପତି ସୁବ୍ରତ ଦାସ, ବ୍ଲକ୍ କଂଗ୍ରେସ ସଭାପତି ରାଜ୍ କିଶୋର ସ୍ୱାଇଁ, ଯୁବନେତା ଲକି ମାଷ୍ଟର ସ୍ୱାଇଁ, ପ୍ରାକ୍ତନ ପଞ୍ଚାୟତ ସଭାପତି ମଣିଭଦ୍ର ବିଶ୍ୱାଳ, ରଘୁନାଥ ନାୟକ, ଦୀନବନ୍ଧୁ ନାୟକ, ପ୍ରଭାସ ଦାସ ଯୋଗ ଦେଇ ବିଧାୟକ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକ ଓ ସାଂସଦ ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀଙ୍କୁ ବିଜୟୀ କରିବା ନିମନ୍ତେ ନିବେଦନ କରିଥିଲେ। ଏହି ଅବସରରେ ପଞ୍ଚାୟତର ବିଭିନ୍ନ ୱାର୍ଡରୁ ଶତାଧିକ ବ୍ୟକ୍ତି ଅନ୍ୟଦଳ ପରିତ୍ୟାଗ କରି କଂଗ୍ରେସ ଦଳରେ ଯୋଗ ଦେଇ ଥିବାରୁ ଶ୍ରୀଯୁକ୍ତ ପଟ୍ଟନାୟକ ନୂତନ କର୍ମୀ ମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଯୁବନେତା ଜ୍ୟୋତି ରଞ୍ଜନ ନାୟକ, ଇଂ ସୁଧାଂଶୁ ଶେଖର ନାୟକ, ସାଦ ସିଦ୍ଦିକ୍, ସୁଧାଂଶୁ ଶେଖର ଦାଶ, ସଂଗ୍ରାମ ଦାଶଙ୍କ ସମେତ ଅନ୍ୟ ମାନେ ସହଯୋଗ କରିଥିଲେ ।

# ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କଲେ ଖାରବେଳ ସ୍ୱାଇଁ

ବାଲେଶ୍ୱର, (ସବ୍ୟୁ) : ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ବୁଧବାର ଥିଲା ପ୍ରାର୍ଥୀ ପତ୍ର ଦାଖଲ ର ଦ୍ୱିତୀୟ ଦିବସ।ଦ୍ୱିତୀୟ ଦିବସ ରେ ବାଲେଶ୍ୱର ଲୋକସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁ ଆଜି ନାମାଙ୍କନ ପତ୍ର ଦାଖଲ କରିଛନ୍ତି।ନିର୍ବାଚନ ଅଧିକାରୀ ତଥା ବାଲେଶ୍ୱର ଜିଲ୍ଲାପାଳ ଆଶିଷ ଠାକରେ ଙ୍କ ନିକଟରେ ସେ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି।ଚାରି ଲକ୍ଷ ଭୋଟ ବ୍ୟବଧାନରେ ବିଜୟ ଲାଭ କରିବେ ବୋଲି ଶ୍ରୀ ସ୍ୱାଇଁ ଦାବି କରିଛନ୍ତି।ଆଜି ଠାରୁ ସେ ପ୍ରଚାର ମଇଦାନରେ ଓହ୍ଲାଇବେ ବୋଲି ସୂଚନା ଦେଇଛନ୍ତି। ମୁଁ ସାଂସଦ ଥିବା ବେଳେ ବହୁ କାର୍ଯ୍ୟ କରିଛି ଏହାକୁ ଆଧାର କରି ମୋତେ ଭୋଟ ଦିଅନ୍ତୁ ବୋଲି ପ୍ରାର୍ଥୀ ଶ୍ରୀ ସ୍ୱାଇଁ ନିବେଦନ କରିଥିଲେ।ପ୍ରତାପ ଷଡଙ୍ଗୀ ନୀଳଗିରି ରୁ ବିଧାୟକ ପ୍ରାର୍ଥୀ ହେଲେ ମୁଁ ତାଙ୍କୁ ସହଯୋଗ କରିବି ବୋଲି ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ର ବିଜେପି ସାଂସଦ ପ୍ରାର୍ଥୀ ମୋ ଠାରୁ ବହୁତ କମ ଭୋଟ ପାଇବେ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି। ତେବେ ଆସନ୍ତା କାଲି ୯ ତାରିଖ ଠାରୁ ବହୁ ପ୍ରାର୍ଥୀ ନିଜର ପ୍ରାର୍ଥୀ ପତ୍ର ଦାଖଲ କରିବାର କାର୍ଯ୍ୟକ୍ରମ ରହିଛି ।

# କୁଟୁରା ଉଦ୍ଧାର

ବାରଙ୍ଗ ,(ସବ୍ୟୁ) : ଗୋଡିସାହି ଫାଣ୍ଡି ନିକଟସ୍ଥ ନରାଜ ଗ୍ରାମରୁ ମଙ୍ଗଳବାର ସକାଳେ ଏକ କୁଟୁରା ଉଦ୍ଧାର ହୋଇଛ।ଉଦ୍ଧାର ହୋଇଥିବା କୁଟୁରାଟି ଅଣ୍ଡିରା ହୋଥିବାବେଳେ ବୟସ ୭/୮ବର୍ଷହେବ ବୋଲି ଜଣାପଡିଛି ।ମଙ୍ଗଳବାର ବଢିଭୋର ସମୟରେ କୁକୁର ମାନଙ୍କ କବଳରୁ ନିଜକୁ ବଂଚାଇବାକୁଯାଇ କୁଟୁରାଟି ନରାଜ ଗ୍ରାମଆଡେ ଆସୁଥିବାର କିଛିଲୋକ ଦେଖିବାକୁପାଇଥିଲେ ।କୁଟୁରାଟି ଜିବନ ବଂଚାଇବାକୁଯାଇ ନରାଜଗ୍ରାମର ମହେଶ୍ୱର ରାଉତଙ୍କ ଗୁହାଳ ଘରେ ପଶିଯାଇଥିଲା ଛଗ୍ରାମବାସୀମାନଙ୍କଠାରୁ ଖବରପାଇ ଚନ୍ଦକା ଡମପଡା ଅଭୟାରଣ୍ୟର ବନବିଭାଗ କର୍ମଚାରୀମାନେ ଆସି କୁଟୁରାଟିକୁ ଉଦ୍ଧାର କରି ଅଭୟାରଣ୍ୟରେ ପୁଣିଛାଡିଦେଇଥିଲେ । ଜଙ୍ଗଲରେ ନିଆଁ ଲାଗିବା,ଖାଦ୍ୟ ଓ ଜଳାଭାବ ଯୋଗୁ କୁଟୁରାଟି ଅଭୟାରଣ୍ୟରୁ ଜନବସତିଆଡେ ପଳାଇଆସିଥିବାବେଳେ ବୁଲାକୁକୁରମାନଙ୍କ ହାବୁଡରେ ପଡିଯାଇଥିବାର ଅନୁମାନ କରାଯାଉଛି।

# ରାସ୍ତାରେ ଗାଡ଼ି ଯାଞ୍ଚ କଡାକଡି କରୁଛି ପ୍ରଶାସନ

ବାଙ୍କୀ , (ସବ୍ୟୁ) : ଆଗାମୀ ସଧାରଣ ର୍ନିବାଚନ ରେ ଅବାଧ ଓ ନିରପେକ୍ଷ ଭାବେ ପାଳନ କରିବାକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ର୍ନିବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଭିନ୍ନ ଛକ ଓ ରାସ୍ତା ରେ ଗାଡ଼ି ଯାଞ୍ଚ କଡାକଡି କରାଯାଇଛି। କଟକ ଲୋକ ସଭା ର୍ନିବାଚନ ମଣ୍ଡଳୀ ଅନ୍ତର୍ଗତ ବାଙ୍କୀ ବିଧାନ ସଭା ର୍ନିବାଚନ ମଣ୍ଡଳୀ ରେ ବୈଦେଶ୍ୱର୍ ଠାରୁ କଳାପଥର ରାସ୍ତାରେ ବାଙ୍କୀ ର୍ନିବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ସ୍ଥାନ ରେ ବାଙ୍କୀ ଅତିରିକ୍ତ ତହସିଲଦାର ସୋନମ୍ ପ୍ରିୟଦର୍ଶିନୀଙ୍କ ନେତୃତ୍ୱରେ ପୋଲିସ ଟିମ ଦ୍ୱାରା ସମସ୍ତ ଗାଡ଼ିକୁ ଯାଞ୍ଚ କରାଯାଉଛି। ଏହି ଚଢାଉ ର୍ନିବାଚନ ପର୍ଯ୍ୟନ୍ତ ଚାଲୁ ରହିବ ।

# ୩ ବର୍ଷ ପରେ ରିମାଣ୍ଡରେ ଆସିଲା ବାଇକ୍ ଚୋର

ଦଶପଲ୍ଲା ,(ସବ୍ୟୁ) : ୩ ବର୍ଷ ପରେ ଏକ ବାଇକ ଚୋରକୁ ଗିରଫ କରି ରିମାଣ୍ଡରେ ଆଣି କୋର୍ଟ ରେ ହାଜର କରିଛି ପୋଲିସ । ଗିରଫ ବାଇକ ଚୋର ନାମ ହାପି ଓରଫ କଳିଙ୍ଗ ଗୌରବ ଜେନା ଓରଫ ପରିଡା ଓ ତାଙ୍କ ଘର ଯାଜପୁର ଜିଲ୍ଲା ମଙ୍ଗଳପୁର । ରାଜ୍ୟର ବିଭିନ୍ନ ଥାନା ରେ ତାଙ୍କ ନାଁ ରେ ମାମଲା ଥିବା ବେଳେ ୨୦୨୧ ମସିହାରେ ସ୍ଥାନୀୟ ଆନ୍ନା ହୋଟେଲ ରେ କାମ କରୁଥିବା ଆଲୋକ କୁମାର ମହାନ୍ତିଙ୍କ ବଜାଜ ପଲସର ବାଇକ ଚୋରି କରି ନେଇଥିଲା ହାପି ଓରଫ କଳିଙ୍ଗ ଗୌରବ । ଏହି ଘଟଣା ରେ ଆଲୋକ ଦଶପଲ୍ଲା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏହି ଘଟଣା ରେ ଏକ ମାମଲା ରୁଜୁ କରିଥିଲା ।ସେହି ଦିନ ଠାରୁ ପୋଲିସ ହାପି ଓରଫ କଳିଙ୍ଗ ଗୌରବ ନାମରେ ଫେରାର ଦର୍ଶାଇ ଥିବା ବେଳେ କୋର୍ଟ କଳିଙ୍ଗ ବିରୋଧ ରେ ୱାରେଣ୍ଟ ଜାରିକରିଥିଲେ । ପରେ ବଣେଇ ପୋଲିସ ଏକ ଘଟଣାରେ ହାପି କୁ ଗିରଫ କରିଥିବା ବେଳେ ଦଶପଲ୍ଲା ପୋଲିସ ହାପିକୁ ରିମାଣ୍ଡ ରେ ଆଣି କୋର୍ଟ ରେ ହାଜର କରିଛି ।

# ବିଜେପିର ମାରାଥନ ପ୍ରଚାର

ବୋଲଗଡ଼,(ସବ୍ୟୁ) :ବୋଲଗଡ-ବେଗୁନିଆ ର୍ନିବାଚନ ମଣ୍ଡଳୀର ବିଧାନସଭା ର୍ନିବାଚନ ପାଇଁ ପ୍ରାର୍ଥ ହୋଇଛନ୍ତି ପ୍ରକାଶ ଚନ୍ଦ୍ର ରଣବିଜୁଳି । ମଙ୍ଗଳବାର ଦିନ ତାଙ୍କର ପ୍ରାର୍ଥୀପତ୍ର କାୟମ ରହିବା ଫଳରେ ବୁଧବାର ଦିନ ପ୍ରଚାର ପାଇଁ ଘରୁ ଗୋଡ କାଢିଛନ୍ତି । ସକାଳେ ବେଗୁନିଆ ବ୍ଲକର ବିଭିନ୍ନ ଦେବାଦେବୀ ମନ୍ଦିରରେ ପୂଜାଅର୍ଚ୍ଚନା କରିଥିବାବେଳେ ଅପରାହ୍ନରେ ବୋଲଗଡ ବ୍ଲକର ବିଭିନ୍ନ ମନ୍ଦିର ଯାଇ ପୂଜାଅର୍ଚ୍ଚନା କରି ପ୍ରଚାର ଆରମ୍ଭ କରିଛନ୍ତି । ୨୫ନଂ ଜିଲ୍ଲା ପରିଷଦ ଅନ୍ତର୍ଗତ ଡାବରଧୁଆ ପାଟଣା, ବୋଲଗଡ,ଖଙ୍ଗୁରିଆ, କଳାଙ୍ଗ, ଦଳାଇସାହି,ଫାସିଓଦା ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଦେବାଳୟମାନଙ୍କରେ ପୂଜାଅର୍ଚ୍ଚନା କରି କର୍ମୀମାନଙ୍କ ସହିତ ଆଲୋଚନା କରି ପ୍ରଚାର ଆରମ୍ଭ କରିଛନ୍ତି । ତାଙ୍କ ସହିତ ଖୋର୍ଦ୍ଧା ଜିଲ୍ଲା ଓବିସି ମୋର୍ଚ୍ଚାର ସମ୍ପାଦକ ଆର୍ତ୍ତବନ୍ଧୁ ପ୍ରଧାନ, ବୋଲଗଡ ମଣ୍ଡଳ ସଭାପତି ତଥା ପୂର୍ବତନ ବ୍ଲକ ଅଧକ୍ଷ ରଘୁନାଥ ଷଡଙ୍ଗୀ, ବେଗୁନିଆ ବିଧାନସଭା ମଣ୍ଡଳୀର ସଂଯୋଜକ ଦେବାରାଜ ପଲେଇ, ଡାବରଧୁଆ ପଞ୍ଚାୟତର ସଭାପତି ବନ୍ଧୁ ଭୋଳ, ଖଙ୍ଗୁରିଆ ଗରାମ ପଞ୍ଚାୟତର ସଭାପତି ସୋମନାଥ ମହାପାତ୍ର, କଳାଙ୍ଗ ପଞ୍ଚାୟତର ସଭାପତି ବଳଭଦ୍ର ମହାପାତ୍ର, ଫାସିଓଦା ପଞ୍ଚାୟତର ସଭାପତି ରାଘବ ସ୍ୱାଇଁ, ଦଳେଇସାହି ଗ୍ରାମପଞ୍ଚାୟତର ଅଶୋକ ସୁନ୍ଦରାୟ, ବୋଲଗଡ ପଞ୍ଚାୟତର ସଭାପତି ରଶ୍ମିରଞ୍ଜନ ପଟ୍ଟନାୟକ, ଗୟାଧର ମହାପାତ୍ର, ବସନ୍ତ କୁମାର ରାଉତ ପ୍ରମୁଖ ତାଙ୍କ ସହିତ ଗାଁ ଗାଁ ବୁଲି ବିଜେପି ପାଇଁ ଭୋଟ ଭିକ୍ଷା କରିଥିଲେ ।

# ମଦ ଜବତ : ଜଣେ ଗିରଫ

ସାକ୍ଷୀଗୋପାଳ ,(ସବ୍ୟୁ) : ବୁଧବାର ଅପରାହ୍ନ ପ୍ରାୟ ୨ ଟା ସମୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଷ୍ଣୁ ଚରଣ ପତିଙ୍କ ତତ୍ତ୍ୱାବଧାନରେ ସତ୍ୟବାଦୀ ଥାନା ଆଇ ଆଇ ସି ଉମେଶ ଚନ୍ଦ୍ର ସାହୁ ଓ ଏ ଏସ ଆଇ ବିଭୀଷଣ ମାଝୀ ସଦଳବଳେ ସତ୍ୟବାଦୀ ଥାନା ଅନ୍ତର୍ଗତ ସୁଆଣ୍ଡୋ ସେତୁ ନିକଟରେ ଏକ ଦୋକାନ ଉପରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ନଗଦ ୬୦,୨୧୭ ଟଙ୍କା,୨୩.୭୨୦ ଲିଟର ବିଦେଶୀ ମଦ, ଏକ ମୋଟର ସାଇକେଲ ଓ ଏକ ଫ୍ରିଜ ଜବତ କରିଥିଲେ । ବେଆଇନ ମଦ ବିକ୍ରୟ କରୁଥିବା ଅଭିଯୋଗରେ ସୁଶାନ୍ତ କୁମାର ରାଉତଙ୍କୁ ଗିରଫ କରିଥିଲେ । ମୋକଦ୍ଦମା ନମ୍ବର ୧୪୨/୨୪। ଆସନ୍ତା କାଲି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇ ଆଇ ସି ଶ୍ରୀଯୁକ୍ତ ସାହୁଙ୍କ ସୂତ୍ରରୁ ଜଣାପଡିଛି ।

# କଂଗ୍ରେସ ପକ୍ଷରୁ ଜନସମ୍ପର୍କ ସମାବେଶ

ଆଗରପଡ଼ା,(ସବ୍ୟୁ):ବନ୍ତବ୍ଲକ ନିଳୋକ ଠାରେ ଜନସମ୍ପର୍କ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଣ୍ଡାରିପୋଖରୀ ବିଧାନସଭା କଂଗ୍ରେସ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକ ଯୋଗଦେଇ ନିଜ ସପକ୍ଷରେ ଭୋଟ ପାଇଁ ଲୋକମାନଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ପ୍ରାରମ୍ଭରେ ତାଙ୍କୁ କର୍ମୀମାନେ ଏକ ବିଶାଳ ବାଇକ ରାଲିରେ ସମାବେଶସ୍ଥଳୀକୁ ପାଛୋଟି ଆଣିଥିଲେ। ଏହି ସମାବେଶରେ ପ୍ରାକ୍ତନ ଜିଲ୍ଲା ସଭାପତି ସୁବ୍ରତ ଦାସ,ରାଜ୍ୟ ସାଧାରଣ ସଂପାଦକ ପଦ୍ମାକର ଗୁରୁ,ପୂର୍ବତନ ବିଧାୟକ ପଂଚାନନ ମଣ୍ଡଳ,ବ୍ଲକ ସଭାପତି ରାଜକିଶୋର ସ୍ୱାଇଁ,ଯୁବନେତା ଲକି ମାଷ୍ଟର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# ଭ୍ୟାନ ଦୁର୍ଘଟଣାଗ୍ରସ୍ତ ମହିଳା ଗୁରୁତର

ବେତନଟୀ ,(ସବ୍ୟୁ) :ବୁଧବାର ଅପରାହ୍ନରେ ବୈଶିଙ୍ଗା ଥାନା ଅଧୀନ ବୈଶିଙ୍ଗା-ରୁପ୍ସା ରାସ୍ତାର କଦଳିଆ ଛକ ନିକଟରେ ଯାତ୍ରା କଳାକାରଙ୍କୁ ନେଇ ଯାଉଥିବା ଏକ ଭ୍ୟାନ ଦୁର୍ଘଟଣାଗ୍ରସ୍ତ ହୋଇଥିବାବେଳେ ଭ୍ୟାନରେ ବସିଥିବା ଜଣେ ମହିଳା ଗୁରୁତର ଆହତ ହୋଇଥିବାବେଳେ ଏକାଧିକ ଆହତ ହୋଇଛନ୍ତି। ସୂଚନା ଅନୁଯାଇ ଜଳେଶ୍ୱର ଅଞ୍ଚଳର 'ଚକଲେଟ ପରିବାର' ନାମକ ଯାତ୍ରାନୁଷ୍ଠାନ ଗତକାଲି ରାତିରେ ମଛପଦାରେ ଯାତ୍ରା ସାରି ବୁଧବାର ରାତିରେ ବାଲେଶ୍ୱର ଜିଲ୍ଲା ହଳଦୀପଦାରେ ଯାତ୍ରା କରିବାକୁ ନିଜ କଳାକାର ମାନଙ୍କୁ ନେଇ ଓଡି ୦୧ଏ ୬୨୧୮ ନଂ ବିଶିଷ୍ଟ ଏକ ଭ୍ୟାନରେ ଯାଉଥିବାବେଳେ କଦଳିଆ ଛକ ନିକଟରେ ଚାଳକଙ୍କୁ ନିଦ ଲାଗିଯିବା କାରଣରୁ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା । ସ୍ଥାନୀୟ ଲୋକ ସଙ୍ଗେ ସଙ୍ଗେ ଏକତ୍ରିତ ହୋଇ ଭ୍ୟାନକୁ ରାସ୍ତା ଉପରକୁ ଉଠାଇବା ସହିତ ସମସ୍ତ ଆହତଙ୍କୁ ଉଦ୍ଧାର କରି ବୈଶିଙ୍ଗା ଡାକ୍ତରଖାନାକୁ ନେଇଯାଇଥିଲେ । ସେଠାରେ ଯାତ୍ରପାର୍ଟିର ହିରୋଇନ ଜଳେଶ୍ୱର ଅଞ୍ଚଳର ରୀନାରାଣୀ ନାଏକଙ୍କ ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଅନ୍ୟମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡିଦିଆଯାଇଥିଲା । ଖବର ପାଇ ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ମୋବାଇଲ ଚୋରି : ଯୁବକ ଗିରଫ

ଦଶପଲ୍ଲା ,(ସବ୍ୟୁ) : ଦଶପଲ୍ଲା ଥାନା ଦୁର୍ଗାବଜାର ପେଣ୍ଟର ଅଜୟ ମହାରଣାଙ୍କ ମୋବାଇଲ ଚୋରି କରିବା ଅଭିଯୋଗ ରେ ପୋଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଙ୍କ ନାଁ ଶ୍ରୀଧର ନାଏକ(୨୦) ଓ ତାଂକଘର ସ୍ଥାନୀୟ ଖାଲମଡା ଗ୍ରାମରେ ବୋଲି ପୋଲିସ ସୁତ୍ରରୁ ଜଣାପଡିଛି । ସୂଚନା ଅନୁସାରେ, ଅଜୟ ଦୁର୍ଗାବଜାର ରେ ଏକ ଫଟୋ ଷ୍ଟୁଡିଓ କରିଛନ୍ତି । ସେହି ଷ୍ଟୁଡିଓ କୁ ଶ୍ରୀଧର ଯାଇଥିଲା ।କୌଣସି କାରଣରୁ ଅଜୟ ଦୋକାନରେ ମୋବାଇଲ ଛାଡି ଘର ଭିତରକୁ ଯାଇଥିବା ବେଳେ ଦୋକାନରେ ଥିବା ମୋବାଇଲ କୁ ଶ୍ରୀଧର ଚୋରି କରି ନେଇଥିଲା।ପରେ କିଛି ଲୋକ ଶ୍ରୀଧର କୁ ଧରି ତା ଠାରୁ ମୋବାଇଲ ଜବତ କରିବା ସହ ପୋଲିସ କୁ ହସ୍ତାନ୍ତର କରିଥଲେ । ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ଶ୍ରୀଧର ଙ୍କୁ କୋର୍ଟ ଚାଲାଣ କରିଛି ।

# ଗାଡି ଧକ୍କାରେ ଡ୍ରାଇଭର ମୃତ

ବେତନଟୀ,(ସବ୍ୟୁ) :ବୈଶିଙ୍ଗା ଥାନା ଠାରୁ ଶହେ ମିଟର ଦୂର ୧୮ ନଂ ଜାତୀୟ ରାଜପଥ ର ସାଇ ମନ୍ଦିର ନିକଟରେ ଏକ ଅଭାବନୀୟ ଘଟଣା କ୍ରମରେ ଗୋଟିଏ ଟ୍ରକ ଚାଳକ ଟ୍ରକ ରଖି ତଳକୁ ଓହ୍ଲାଇ ଥିବା ବେଳେ ଅନ୍ୟ ଗୋଟିଏ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା । ଘଟଣାରୁ ପ୍ରକାଶ ଏପି୨୭-ଡବ୍ଲୁ୭୬୯୫ ନମ୍ବର ବିଶିଷ୍ଟ ମାଲବାହୀ ଟ୍ରକ ର ଡ୍ରାଇଭର ରାମବାବୁ (୩୭) ଏକ ମିଲରୁ ଚାଉଳ ବୋଝେଇ କରିବା ପାଇଁ ବାଲେଶ୍ୱର ରୁ ବାରିପଦା ଅଭିମୁଖେ ଯାଉଥିଲା । ଟ୍ରକର ଖଲାସୀ ଶୋଇ ଯାଇଥିବା ବେଳେ ଟ୍ରକଟି ଓଭରବ୍ରିଜ ଅତିକ୍ରମ କରିସାରିବା ପରେ ସାଇମନ୍ଦିର ନିକଟରେ ଟ୍ରକଟିକୁ ଛିଡା କରି ପରିସ୍ରା କରିବାକୁ ଯାଇଥିଲେ ।ଇତି ଅବସରରେ ଅନ୍ୟ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଥିବା ଯୋଗୁଁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ମୃତକ ରାମ ବାବୁ ଙ୍କ ପିତାଙ୍କ ନାମ ଶ୍ରୀ ନିବାସ ରାଓ ଏବଂ ଘର ଆନ୍ଧ୍ରପ୍ରଦେଶ ସ୍ଥିତ ପ୍ରକାଶନ ଜିଲ୍ଲାର ଏସଏନ ପୁଡୁ ଥାନା ଅଧୀନ ଗୁମୁନ ପୁଡୁ ଗ୍ରାମର ବୋଲି ଜଣା ପଡିଛି । ଏନେଇ ବୈଶିଙ୍ଗା ଥାନାରେ ୧୫୯/୨୪ରେ ରୁଜୁ ହୋଇଥିବା ମାମଲା ମୂଳେ ମୃତକ ଚାଳକଙ୍କ ଟ୍ରକ କୁ ଜବତ କରିବା ସହ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି।

# ନାମାଙ୍କନପତ୍ର ଦାଖଲ କଲେ ପ୍ରଫୁଲ୍ଲ ସାମଲ

ଭଦ୍ରକ,(ସବ୍ୟୁ): ଭଦ୍ରକ ନିର୍ବାଚନ ମଣ୍ଡଳୀର ବିଜେଡ଼ି ବିଧାୟକ ପ୍ରାର୍ଥୀ ବରିଷ୍ଠ ବିଜେଡ଼ି ନେତା ପ୍ରଫୁଲ୍ଲ ସାମଲ ବୁଧବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଉପଜିଲାପାଳ ମନୋଜ ପାତ୍ର, ଭଦ୍ରକ ତହସିଲଦାର ସଂଗ୍ରାମ କେଶରୀ ପ୍ରିୟଦର୍ଶୀ ଖୁଂଟିଆଙ୍କ ଉପସ୍ଥିତିରେ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଥିଲେ। ଭଦ୍ରକ ଆର୍‌ଏମ୍‌ସି ଠାରେ ହଜାର ହଜାର ସମର୍ଥକଙ୍କ ଗହଣରେ ଏକ ଖୋଲା ଜିପ୍‌ରେ ଶୋଭାଯାତ୍ରାରେ ସହର ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଁଚି ନାମାଙ୍କନ ପତ୍ର ଦାଖଲ କରିଥିଲେ। ପ୍ରଫୁଲ୍ଲଙ୍କ ସହିତ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ପୌରାଧକ୍ଷା ଗୁଲମକ୍କୀ ହବିବ, ଜିଲା ମହିଳା ସଭାନେତ୍ରୀ ବିଦ୍ୟୁତଲତା ନାୟକ, ଭଦ୍ରକ ବ୍ଲକ ଅଧକ୍ଷା ଉର୍ମିଳା ନାୟକ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ପ୍ରବୀର ଜେନା, ଯୁବନେତା ଜାହିଦ ହବିବ, ବ୍ଲକ ଉପାଧକ୍ଷ ମୁକୁନ୍ଦଦେବ ସାମଲ, ନଗର ସଭାପତି ତାହେର ମହମ୍ମଦ, କାଉନସିଲର ପଙ୍କଜ ବଳ, ପ୍ରିୟବ୍ରତ ନାୟକ ପ୍ରମୁଖ ନେତୃବୃନ୍ଦ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବିଭିନ୍ନ ପାରମ୍ପାରିକ ବାଜା ଓ ବାଣ ସାଙ୍ଗକୁ ବିଭିନ୍ନ ନାରାବାଜିରେ ଭଦ୍ରକ ସହର ପ୍ରକମ୍ପିତ ହୋଇ ଉଠିଥିଲା।

# କାଳବୈଶାଖୀ ସାଜିଲା କାଳ

ଆଠଗଡ଼,(ସବ୍ୟୁ) : ବୁଧବାର ଅପରାହ୍ନରେ ହଟାତ କଳାବୈଶାଖୀ କରାଳ ତାଣ୍ଡବ ରଚିଥିଲା।ସାରା ଆଠଗଡ ଅଂଚଳରେ ଅଚାନକ ପବନ ଆରମ୍ଭ ହୋଇଥିଲା। ଧୂଳି ଝଡ଼ ସହ ଉଠା ଦୋକାନୀକ ଉଡିଲା ଜାରିପାଲ ସହ ଅଳିଆ ଅବର୍ଜନାରେ ରାସ୍ତା ହୋଇଯାଇଥିଲା ବନ୍ଦ ପରେ ଆରମ୍ଭ ହୋଇଥିଲା ।କାଳବୈଶାଖୀ ଝଡ଼ ବର୍ଷା, ଫଳରେ ସହର ଡ୍ରେନେଜ ବ୍ୟବସ୍ଥା ସଠିକ୍ ଭାବରେ ନଥିବାରୁ ନାଳ ଗୁଡିକ ଅଳିଆ ଆବର୍ଜନା ପୂର୍ଣ୍ଣ ହୋଇଥିବାରୁ ଡ୍ରେନ ଓ ନାଳରେ ପାଣି ନ ଯାଇ ରାସ୍ତା ଉପରେ କୃତିମ ବନ୍ୟା ସୃଷ୍ଟି ହୋଇଥିଲା।ଫଳରେ କିଛି ସମୟ ପାଇଁ ଯାନବାହାନ ଚଳାଚଳ ଠପ, ହୋଇଯାଇଥିଲା, ଆଉ ବାଧକ ସାଜିଥିଲା ଅଚାନକ ବିଦ୍ୟୁତ କାଟ। ପବନ ବର୍ଷା ସାଙ୍ଗକୁ ବିଦ୍ୟୁତ କାଟ ପାଇଁ ରାସ୍ତା ଉପରେ ଯାତାୟାତ କରୁଥିବା ଯାତ୍ରୀ ମାନେ ପାଣି ଯାଉଥିବା ରାସ୍ତା ଜାଣି ନ ପାରି ପଡି ଖଣ୍ଡିଆ ଖାବରେ ହୋଇ ପାଣିରେ ବୁଡୁବୁଡୁ ହୋଇ ବିପଦ ଶଙ୍ଖୁଳ ଅବସ୍ଥାରେ ଘରେ ପହଂଚିଥିଲେ। ଏ ଭଳି ଦୁର୍ଦ୍ଦଶା ପାଇଁ ସହର ରାସ୍ତା ମରାମତି ବିଭାଗ ସାଙ୍ଗକୁ ବିଜ୍ଞାପିତ ଅଂଚଳ ପରିସଦର ର୍ନିବାହୀ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ ଅଭାବ ନାଳ ନର୍ଦ୍ଦମା ପୋତି ହୋଇ ପଡିଛି। ଦୀର୍ଘ ସମୟ ଧରି ବିଦ୍ୟୁତ ସରବରାହ ବନ୍ଦ ହେବା ପାଇଁ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା।

# ଲିଙ୍ଗଲେଶ୍ୱର-ନିଖିରା ବିଜେଡିର ବିଶାଳ ବାଇକ୍ ରାଲି





ବାଲେଶ୍ୱର,(ସବ୍ୟୁ) :ସାଧାରଣ ନିର୍ବାଚନ ପାଇଁ ଚଳଚଞ୍ଚଳ ହୋଇପଡିଛି ବସ୍ତା ନିର୍ବାଚନ ମଣ୍ଡଳୀ ପ୍ରଚାର ମୈଦାନ ରେ ବିଜେଡି ତାର ଶକ୍ତି ବୃଦ୍ଧି କରି ମାଡି ଚାଲିଛି । ଆଜି ଲିଙ୍ଗଲେଶ୍ୱର ବିଜେଡି କାର୍ଯ୍ୟାଳୟ ଠାରୁ ବିଶାଳ ବାଇକ୍ ରାଲି ଆରମ୍ଭ ହୋଇ ମାନ୍ଧାତା ବଜାର ଦେଇ ବାଲିଆପାଳ ବ୍ଲକ ଛକରେ ପହଞ୍ଚି ନିଖିରା ମଝିପଡା ପଡ଼ିଆରେ ପହଞ୍ଚି ଥିଲା।ସାଂସଦ ଓ ବିଧାୟକ ପ୍ରାର୍ଥୀ ବାଇକ୍ ରାଲି ରେ ପରିକ୍ରମା କରିଥିଲେ। ନିଖିରା ପଞ୍ଚାୟତ ର ମଝିପଡା ଠାରେ ଆୟୋଜିତ ସାଧାରଣ ସଭାରେ ଉଭୟ ପ୍ରାର୍ଥୀ ରାଜ୍ୟ ସରକାର ଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିବା ସହିତ ବିଜେପି ଓ କଂଗ୍ରେସ କୁ କଡ଼ା ସମାଲୋଚନା କରିଥିଲେ। କଂଗ୍ରେସ ରାଜ୍ୟ ରେ ଖାତା ଖୋଲି ପାରିବନାହିଁ ବୋଲି ସାଂସଦ ପ୍ରାର୍ଥୀନୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ବିଧାୟିକା ପ୍ରାର୍ଥୀନୀ ସୁବାସିନୀ ଜେନା ତାଙ୍କ ଭାଷଣରେ କହିଲେ ବାଲିଆପାଳ ର ଭାତହାଣ୍ଡି କୁହାଯାଉଥିବା ସୂତାକଳ କୁ ପୂର୍ଣ୍ଣ ଉଦ୍ଧାର କରାଯାଇ ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ମିଳିବ । ସେହିପରି ବୋଲଂ ଠାରେ ବଡ଼ବଡ଼ ଶିଳ୍ପ ସଂସ୍ଥା ପ୍ରତିଷ୍ଠା କରାଯାଇ ବେକାରୀ ସମସ୍ୟାକୁ ରୋକିବା ନିମନ୍ତେ ପଦକ୍ଷେପ ନିଆଯାଇଛି। ପୂର୍ବତନ ସାଂସଦ ଇଂ ରବିନ୍ଦ୍ର କୁମାର ଜେନା କହିଛନ୍ତି ବାଲେଶ୍ୱର ଜିଲ୍ଲାର ଦ୍ରୁତ ବିକାଶ କରିବା ପାଇଁ ମେ ୧ ରେ ଉଭୟ ପ୍ରାର୍ଥୀ ଙ୍କୁ ଶଙ୍ଖ ଚିହ୍ନ ରେ ଭୋଟ ଦେବାକୁ ନିବେଦନ କରିଥିଲେ। ପୁଣିଥରେ ନବୀନ ପଟ୍ଟନାୟକ ଙ୍କୁ ରାଜ୍ୟ ରେ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ଆସନରେ ବସାଇବାକୁ ଭୋଟରମାନଙ୍କୁ ନିବେଦନ କରିଥିଲେ। ଏହି ସମାବେଶ ରେ ବସ୍ତା ପର୍ଯ୍ୟବେକ୍ଷକ ରଣଜିତ ମହାପାତ୍ର, ବାଲିଆପାଳ ବ୍ଲକ ସଭାପତି ଗୋବିନ୍ଦ ଦାସ, ବସ୍ତା ବ୍ଲକ ସଭାପତି ଅନୀଲ କୁମାର ମହାନ୍ତି,ପୂର୍ବତନ ଅଧକ୍ଷ ଶଶଧର ପ୍ରଧାନ, ଯୁବନେତା ଜଗବନ୍ଧୁ ଜେନା, ଜିଲ୍ଲାପରିଷଦ ସଦସ୍ୟ ବେଣୁଧର ଜେନା, ନିଶାକର ସେଠି, ବରିଷ୍ଠ ନେତା ମହେଶ୍ୱର ଜେନା,କୃଷକ ମୋର୍ଚ୍ଚା ସଭାପତି ଅଜୟ କୁମାର ସାମଲ, ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ମହାଦେବ ଦାସ, ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ, ଅଜୟ ପାତ୍ର,ବିଜୟ କୁମାର ଗିରି, ଗଣେଶ ଜେନା, ରବିନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଭୋଟ ଭିକ୍ଷା କରିଥିଲେ। ଶିକ୍ଷାବିତ ଶ୍ରୀକାନ୍ତ ପାଳ ମଞ୍ଚ ସଞ୍ଚାଳନ କରିଥିଲେ ।

# ରାସ୍ତା ପାଇଁ ଆନନ୍ଦପୁର-ଭଦ୍ରକ ରାସ୍ତା ଅବରୋଧ



ଆନନ୍ଦପୁର ,(ସବ୍ୟୁ) : ରାସ୍ତା ପାଇଁ ରାସ୍ତାରୋକ କରିଛନ୍ତି ୩ଟି ଗ୍ରାମର ଗ୍ରାମବାସୀଛ ଗାଁକୁ ପକ୍କା ସଡ଼କ ନଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧା ଭୋଗୁଥିବା ବେଳେ ସରକାର ୩ବର୍ଷ ତଳୁ ରାସ୍ତା ର୍ନିମାଣ ପାଇଁ ଅନୁଦାନ ଯୋଗାଇ ଦେଇଛନ୍ତି। ଠିକାଦାର କାମ ଆରମ୍ଭ କରିଥିଲେ ବି କିଛି ନ୍ୟସ୍ତ ସ୍ୱାର୍ଥ ଲୋକ ଏହି ରାସ୍ତାକୁ କରାଇ ଦେଉ ନାହାନ୍ତି। ମଙ୍ଗଳବାର ରାତିରେ କିଛି ଲୋକ ଠିକସଂସ୍ଥାର ମେସିନିକୁ ଭଙ୍ଗାରୁଜା କରିବା ସହିତ କାମ କରୁଥିବା ଠିକସଂସ୍ଥାର ଲୋକଙ୍କୁ ଘଉଡ଼ାଇ ଦେଇଛନ୍ତି। ଫଳରେ ରାସ୍ତା ହେବା ନେଇ ଆଶଙ୍କା ଦେଖାଦେଇଛି।ଏନେଇ ଏଲକଣା ଓ ବର୍ଦ୍ଧନପୁର, ନିସଙ୍ଗପୁର ଗ୍ରାମବାସୀମାନେ ବୁଧବାର ସକାଳୁ ଆନନ୍ଦପୁର ଭଦ୍ରକ ରାସ୍ତାକୁ ହାଟଡ଼ିହି ନିକଟରେ ଅବରୋଧ କରି ରାସ୍ତା ରୋକ କରିଛନ୍ତିଛ ରାସ୍ତା ନାହିଁ ତ ଭୋଟ ନାହିଁ ବୋଲି ଗ୍ରାମବାସୀ ମାନେ ଚେତାବନୀ ଦେଇଛନ୍ତି। ଘଟଣାସ୍ଥଳରେ ହାଟଡିହି ତହସିଲଦାର, ନନ୍ଦିପଦା ପୁଲିସ୍ ପହଞ୍ଚି ବୁଝାସୁଝା କରୁଥିଲେ ବି ଲୋକମାନେ ଜିଦ୍ ରେ ବସି ରହିଛନ୍ତି। ଫଳରେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

